ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK   पर्यवेक्षक

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.86 Bhubaneswar Friday 13 2022   ୨୫ତମ ବର୍ଷ   ସଂଖ୍ୟା–୮୬ ଭୁବନେଶ୍ୱର, ଶୁକ୍ରବାର, ମଇ ୧୩, ୨୦୨୨   (୮ ପୃଷ୍ଠା)   ମୂଲ୍ୟ–୧.୫୦   ₹ 1.50   (Air Surcharge - 0.50P)   Member-INS

## ରାଜ୍ୟସଭା ନିର୍ବାଚନ: ବିଜେଡିର ବିଜୟ ସୁନିଶ୍ଚିତ, କିନ୍ତୁ ଅଡୁଆ ହୋଇଛି ପ୍ରାର୍ଥୀ ଚୟନ



ଭୁବନେଶ୍ୱର,୧୨।୫(ପି.ଏନ): ରାଜ୍ୟରେ ଖାଲି ପଡିଥିବା ୪ଟି ରାଜ୍ୟସଭା ଆସନ ମଧ୍ୟରୁ ୩ଟି ଆସନରେ ଭୋଟ ନିମନ୍ତେ ଆଜି ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ସହ ଶାସକ ବିଜେଡିରେ ରାଜନୀତିକ ଉଷ୍ମତା ବୃଦ୍ଧି ପାଇଛି । ରାଜ୍ୟସଭାର ସମସ୍ତ ସିଟ୍ ହାତେଇବା ପାଇଁ ବିଜେଡି ପାଖରେ ମ୍ୟାଜିକ୍ ନମ୍ବର ଥିବାରୁ ଦଳ ପାଇଁ ବିଜୟ ନୁହେଁ ବରଂ ପ୍ରାର୍ଥୀ ଚୟନ ଏବେ ଅଧିକ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଦଳ ଭିତରେ ଦିନକୁ ଦିନ ବୃଦ୍ଧି ପାଉଥିବା ଅସନ୍ତୋଷ ଓ ଅଧିକାଂଶ ନେତା କୋଣଠେସା ହୋଇ ରହିଥିବାରୁ ବିଜେଡି କାହାକୁ ପ୍ରାର୍ଥୀ କରୁଛି ତାହା ଉପରେ ସମସ୍ତଙ୍କ ନଜର । ଅବଶ୍ୟ ୩ଟି ସିଟ୍ ପାଇଁ ବିଜେଡି ପାଖରେ ଆବଶ୍ୟକଠୁ ଅଧିକ ଭୋଟ୍ ରହିଛି । ଏପରିକି ରାଜ୍ୟସଭା ଭୋଟ୍ ପାଇଁ ଦଳରୁ ନିଲମ୍ବିତ ୨ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ପ୍ରଶାନ୍ତ ଜଗଦେବଙ୍କ ସହଯୋଗ ମଧ୍ୟ ଆବଶ୍ୟକ ପଡିବ ନାହିଁ ବୋଲି ଜଣାପଡିଛି ।ବିଧାନସଭା ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟସଭାର ୩ଟି ଆସନ ନିମନ୍ତେ ନିର୍ବାଚନ ପାଇଁ ମେ' ୩୧ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ଦାଖଲର ଶେଷଦିନ ରହିଛି । ଜୁନ୍ ୩ରେ ନାମାଙ୍କନ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହେବ । ଯଦି ଆବଶ୍ୟକ ପଡ଼େ ଜୁନ୍ ୧୦ତାରିଖରେ ଭୋଟ୍ ଗ୍ରହଣ କରାଯିବ । ଏହି ରାଜ୍ୟସଭା ଭୋଟ୍ ୧୦ତାରିଖରେ ଥିବାରୁ ତା' ପୂର୍ବରୁ ବ୍ରଜରାଜନଗର ଉପନିର୍ବାଚନ ଫଳାଫଳ ଘୋଷଣା ସହ ବିଜୟୀ ପ୍ରାର୍ଥୀ ମଧ୍ୟ ଶପଥ ନେଇସାରିଥିବେ । ତଥାପି ଏହି ଆସନକୁ ବାଦ୍ ଦେଲେ ବିଧାନସଭାର ଅନ୍ୟ ୧୪୬ଟି ଆସନ ମଧ୍ୟରୁ ବିଜେଡି ପାଖରେ ୧୧୩ଟି ରହିଛି । ଅବଶ୍ୟ ଶ୍ରୀ ପାଣିଗ୍ରାହୀ ଓ ଶ୍ରୀ ଜଗଦେବ ବିଜେଡିରୁ ନିଲମ୍ବିତ ହୋଇଥିବାରୁ ଏହି ସଂଖ୍ୟା ୧୧୧ରେ ସୀମିତ ଅଛି । ବିଜେପି ପାଖରେ ୨୨, କଂଗ୍ରେସ ୯, ସିପିଏମ ୧ ଓ ସ୍ୱାଧୀନ ଜଣେ ସଦସ୍ୟ ଅଛନ୍ତି ।ରାଜ୍ୟସଭା ନିର୍ବାଚନ ପାଇଁ ଗଣିତ ଅନୁସାରେ ପ୍ରଥମ ପସନ୍ଦ ପାଇଁ ୩୭ଜଣ ବିଧାୟକ (ଭୋଟ୍) ଆବଶ୍ୟକ ହେବ ଓ ସମସ୍ତ ୩ଜଣ ପ୍ରାର୍ଥୀଙ୍କ ଜିତିବା ପାଇଁ ୧୧୧ଟି ପ୍ରଥମ ପସନ୍ଦ ଭୋଟ୍ ଦରକାର । ତେଣୁ ବିଜେଡି ସହଜରେ ଏହି ସଂଖ୍ୟା ହାସଲ କରିବ । ରାଜ୍ୟସଭା ନିର୍ବାଚନ ଗଣିତ ହେଉଛି ମୋଟ ଭୋଟ ବା ବିଧାୟକଙ୍କ ସଂଖ୍ୟା(୧୪୭ଘ୧୦୦/ଖାଲିଥିବା ୩ ଆସନ +୧ )+୧ । ତେଣୁ ବ୍ରଜରାଜନଗର ଉପନିର୍ବାଚନ ଫଳାଫଳ ଆସି ସାରିଥିବାରୁ ଜୁନ୍ ୧୦ ବେଳକୁ ଗୃହରେ ମୋଟ ୧୪୭ଜଣ ସଦସ୍ୟ ରହିଥିବେ । ପ୍ରତ୍ୟେକ ବିଧାୟକଙ୍କ ଭୋଟ୍ ପରିମାଣ ୧୦୦ । ତେଣୁ ରାଜ୍ୟସଭା ଗଣିତ ଅନୁସାରେ (୧୪୭ଘ୧୦୦/୩+୧)+୧ =୩୬୭୬ ବା ୩୭ଜଣ ବିଧାୟକଙ୍କ ପ୍ରଥମ ପସନ୍ଦ ଭୋଟରେ ଜଣେ ପ୍ରାର୍ଥୀ ବିଜୟୀ ହେବେ । ଏହି ଦୃଷ୍ଟିରୁ ବିଜେଡିର ସମସ୍ତ ୩ ପ୍ରାର୍ଥୀ ସହଜରେ ବିଜୟୀ ହୋଇପାରିବେ ।ମାତ୍ର ୨୦୧୯ ସାଧାରଣ ନିର୍ବାଚନ ପରଠୁ ବିଜେଡିରେ ବହୁ ପୁରୁଖା ନେତା ନିଜକୁ ଅଣନିଶ୍ୱାସୀ ମନେ କରୁଛନ୍ତି । ରାଜ୍ୟର ସବୁ ଜିଲ୍ଲାରେ ବିଜେଡି ମଧ୍ୟରେ ଗୋଷ୍ଠୀକନ୍ଦଳ ତୀବ୍ର ରୂପ ଧାରଣ କରିଥିବାବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ତାଙ୍କ ପରାମର୍ଶଦାତାଙ୍କୁ ଚାହିଁଲେ ମଧ୍ୟ ଦଳର୯୯ ପ୍ରତିଶତ ବିଧାୟକ ଓ ସାଂସଦ ଭେଟିବାର ସୁଯୋଗ ପାଉନାହାନ୍ତି । ଲୋକ ପ୍ରତିନିଧି ହୋଇ ମଧ୍ୟ ସେମାନଙ୍କୁ ସରକାରୀ ଅଫିସରଙ୍କ ଉପରେ ନିର୍ଭର ରହିବାକୁ ପଡୁଛି। ଯାହାକୁ ନେଇ ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ତା'ଛଡା ଅଧିକାଂଶ ଜିଲ୍ଲାରେ ସମାନ୍ତରାଳ ଭାବେ ସଂଗଠନ ପରିଚାଳିତ ହେଉଥିଲେ ମଧ୍ୟ ସେହି ନେତାମାନଙ୍କୁ ଏକଜୁଟ କରିବାରେ ବିଜେଡି ସୁପ୍ରିମୋ କିମ୍ବା ତାଙ୍କ ପରାମର୍ଶଦାତା ଆଗ୍ରହ ଦେଖାଉନାହାନ୍ତି ।୨୦୧୯ ସାଧାରଣ ନିର୍ବାଚନରେ ଯେଉଁମାନଙ୍କୁ ଟିକେଟରୁ ବଂଚିତ କରାଯାଇ ରାଜ୍ୟସଭା ପଠାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା ସେମାନଙ୍କ କଥା ବି ଦଳ ଭୁଲି ଯାଇଛି । ଆଉ ଯେଉଁ କିଛି ହେଭିଓ୍ୱେଟ୍ ନେତା ୨୦୧୯ ନିର୍ବାଚନରେ ପରାଜିତ ହୋଇଥିଲେ ସେମାନଙ୍କୁ ମଧ୍ୟ ଥଇଥାନ କରିବାରେ ଦଳ ଆଗ୍ରହ ଦେଖାଇ ନାହିଁ । ଏସବୁ ଭିତରେ ଦଳ ପାଇଁ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ନେତାମାନେ ବି ରାଜ୍ୟସଭା ପାଇଁ ଆଶାୟୀ ହେଉଥିଲେ ମଧ୍ୟ ନିଜର ଆପତ୍ତି-ଅଭିଯୋଗ ଜଣାଇବାର ଫୋରମ୍ ନଥିବାରୁ ବାଧ୍ୟ ହୋଇ ଅଧିକାଂଶ ନେତା ନିରବ ରହୁଥିବା ଜଣାପଡିଛି ।ଅବଶ୍ୟ ସମ୍ଭାବ୍ୟ ପ୍ରାର୍ଥୀ ତାଲିକାରେ ବିଜେଡି ୨ଜଣ ପୁରୁଷ ଓ ଜଣେ ମହିଳାଙ୍କୁ ରାଜ୍ୟସଭା ପଠାଇବ ବୋଲି ଜଣାପଡିଛି । ତେବେ ଏହି ନେତାମାନେ କିଏ ତାହା ସ୍ଥିର କରିବା ବିଜେଡି ପାଇଁ କାଠିକର ପାଠ ହୋଇଛି । ଅବଶ୍ୟ ବିଜେଡି ପୂର୍ବଭଳି ଏବେ କୌଣସି ସମୀକରଣକୁ ଦେଖି ପ୍ରାର୍ଥୀ ଚୟନ କରିବାର ସମ୍ଭାବନା କ୍ଷୀଣ । ଯାହାକୁ ଦଳ ପ୍ରାର୍ଥୀ କରିବ ତାକୁ ସମସ୍ତେ ସମର୍ଥନ ଦେବାକୁ ଏକରକମ ବାଧ୍ୟ ଓ ମୁହଁ ଖୋଲିବାର ଜୁ' ମଧ୍ୟ ନାହିଁ । ତେଣୁ ବିଜେଡି ବିଧାୟକ ଓ ନେତାମାନଙ୍କର ଜୁ'କୁ ଆକଳନ କରିଥିବା ବିଜେଡି ନେତୃତ୍ୱ ଏବେ କାହାକୁ ଓ କେଉଁ ଯୁକ୍ତିରେ ପ୍ରାର୍ଥୀ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ।ସୂଚନାଯୋଗ୍ୟ, ବିଜେଡି ସାଂସଦ ଏନ ଭାସ୍କର ରାଓ, ପ୍ରସନ୍ନ ଆଚାର୍ଯ୍ୟ ଓ ସସ୍ମିତ ପାତ୍ରଙ୍କ କାର୍ଯ୍ୟକାଳ ଜୁଲାଇ ୧ରେ ଶେଷ ହେବ । ରାଜ୍ୟସଭା ସାଂସଦ ପଦରୁ ସୁବାସ ସିଂ ଇସ୍ତଫା ଦେଇଥିବାରୁ ଏହି ସିଟ୍ ମଧ୍ୟ ଖାଲି ରହିଛି ।

## ସଙ୍କଟ ଭିତରେ ଶ୍ରୀଲଙ୍କାରେ ନୂଆ ପ୍ରଧାନମନ୍ତ୍ରୀ ଶପଥ ନେଲେ



କଲମ୍ବୋ,୧୨।୫(ପି.ଏନ): ଶ୍ରୀଲଙ୍କା ସଙ୍କଟ ଭିତରେ ଦେଶରେ ନିଯୁକ୍ତ ହୋଇଛନ୍ତି ନୂଆ ପ୍ରଧାନମନ୍ତ୍ରୀ। ଘୋର ଆର୍ଥିକ ବିପର୍ଯ୍ୟୟ ମଧ୍ୟରେ ଗତି କରୁଥିବା ଶ୍ରୀଲଙ୍କାରେ ରାନିଲ ବିକ୍ରମସିଂଘେ ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ୨୨୫ ଆସନ ବିଶିଷ୍ଟ ଶ୍ରୀଲଙ୍କା ସଂସଦରେ ରାନିଲ ବିକ୍ରମସିଂଘେଙ୍କ ମାତ୍ର ଜଣେ ସଦସ୍ୟ ଅଛି। ପୂର୍ବରୁ ୪ ଥର ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଥିବା ରାନିଲ ବିକ୍ରମସିଂଘେ ପୁଣି ଥରେ ଏହି ଦ୍ୱୀପରାଷ୍ଟ୍ରର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଆର୍ଥିକ ସଙ୍କଟ ନେଇ ଶ୍ରୀଲଙ୍କା ଜଳୁଥିବା ବେଳେ ରାନିଲ ଆଜି ଶପଥ ନେଇଛନ୍ତି । ବୁଧବାର ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷେ ଓ ରାନିଲଙ୍କ ମଧ୍ୟରେ ଅନୁଷ୍ଠିତ ଏକ ରୁଦ୍ଧଦ୍ୱାର ବୈଠକ ପରେ ତାଙ୍କୁ ପ୍ରଧାନମନ୍ତ୍ରୀ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।ରାନିଲ ପୂର୍ବରୁ ୪ ଥର ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ରହିଥିବାରୁ ତାଙ୍କର ଏ କ୍ଷେତ୍ରରେ ଗଭୀର ଅଭିଜ୍ଞତା ରହିଛି । ଗତ ୨୦୧୮ ମସିହାରେ ତତକାଳୀନ ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବହିଷ୍କାର କରିଥିଲେ । ତେବେ ଏହି ଘଟଣାର ୨ ମାସ ପରେ ତାଙ୍କୁ ପୁଣି ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ କରାଯାଇଥିଲା । ଶ୍ରୀଲଙ୍କା ସଂସଦରେ ରାନିଲଙ୍କର ମାତ୍ର ଗୋଟିଏ ଆସନ ଥିଲେ ବି ବିରୋଧି ଦଳମାନେ ତାଙ୍କୁ ସମର୍ଥନ କରିଛନ୍ତି। ଅନ୍ୟପଟେ ଶ୍ରୀଲଙ୍କାର ପୂର୍ବତନ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପକ୍ଷଙ୍କ ଉପରେ କଟକଣା ଲଗାଇଛନ୍ତି ସ୍ଥାନୀୟ କୋର୍ଟ ।ସେ କୋର୍ଟଙ୍କ ବିନା ଅନୁମତିରେ ଦେଶ ଛାଡିପାରିବେ ନାହିଁ। ରାଜପକ୍ଷଙ୍କ ସମେତ ତାଙ୍କ ପୁଅ ନମଲ ରାଜପକ୍ଷ ଓ ଅନ୍ୟ ୧୫ ଜଣଙ୍କ ଉପରେ କୋର୍ଟ ସମାନ କଟକଣା ଲାଗୁ କରିଛନ୍ତି। ଶ୍ରୀଲଙ୍କା ସୃଷ୍ଟି ହୋଇଥିବା ହିଂସାକାଣ୍ଡ ଓ ପୋଡାଜଳା ପାଇଁ ରାଜପକ୍ଷଙ୍କୁ ଦାୟୀ କରାଯାଉଛି। ତାଙ୍କ ସମର୍ଥକମାନେ ସରକାରଙ୍କୁ ବିରୋଧ କରୁଥିବା ବିକ୍ଷୋଭକାରୀଙ୍କୁ ଆକ୍ରମଣ କରିବାରୁ ସ୍ଥିତି ଭୟଙ୍କର ହୋଇଥିଲା ବୋଲି ଅଭିଯୋଗ ହୋଇଛି। ପ୍ରଧାନମନ୍ତ୍ରୀ ହେବାପରେ ରନିଲଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପକ୍ଷେ ଅଭିନନ୍ଦନ ଜଣାଇଛନ୍ତି। ଏହି ସଂକଟ ସମୟରେ ସେ ଦେଶକୁ ଉଦ୍ଧାର କରିବେ ବୋଲି ମହିନ୍ଦା ଆଶା ପ୍ରକାଶ କରିଛନ୍ତି ।

## ବେଡ୍ ରୁମ୍ ତଳେ ଗୁପ୍ତ କୋଠରୀରେ ପ୍ରସ୍ତୁତ ହେଉଥିଲା ଦେଶୀ ମଦ



ନବରଙ୍ଗପୁର,୧୨।୫(ପି.ଏନ): ବେଡ୍ ରୁମ୍ ତଳେ ତିଆରି ହୋଇଛି ଗୁପ୍ତ କୋଠରୀ। ଗୁପ୍ତ କୋଠରୀରେ ପ୍ରସ୍ତୁତ ହେଉଥିଲା ଦେଶୀ ମଦ। ହେଲେ ଏ ଖବର ପହଞ୍ଚିଥିଲା ଅବକାରୀ ବିଭାଗ ଓ ପୁଲିସ୍ ପାଖରେ। ଆଉ ସେମାନେ ସେଠାରେ କରିଥିଲେ ମିଳିତ ଚଢ଼ାଉ। ସେମାନେ ପୋଚ୍ ଓ ରନ୍ଧା ମଦ ଜବତ କରିଥିବା ବେଳେ ଜଣଙ୍କୁ ଗିରଫ କରିଛନ୍ତି। ଘଟଣାଟି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ଥାନା ରାଜୋଡା ଗାଁର ।ଗିରଫ ଅଭିଯୁକ୍ତଙ୍କ ନାଁ ରାମକୃଷ୍ଣ ବିଶୋୟୀ। ଅବକାରୀ ବିଭାଗ ଓ ପୁଲିସ୍‌ର ଚଢ଼ାଉ ବେଳେ ସେ ଘରେ ଅନୁପସ୍ଥିତ ଥିଲେ। ତାଙ୍କ ଘରୁ ମିଳିତ ଟିମ୍ ୧୫୦୦ ଲିଟର ପୋଚ୍ ଓ ୫୩ ଲିଟର ରନ୍ଧା ମଦ ଜବତ କରି ନଷ୍ଟ କରିଥିଲା। ଏହା ସହ ମଦ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ଅନ୍ୟାନ୍ୟ ଉପକରଣ ଜବତ କରିଛି ।କୋଷାଗୁମୁଡା ପୁଲିସ୍ ରାମକୃଷ୍ଣଙ୍କ ପତ୍ନୀଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ରାମକୃଷ୍ଣ ଥାନାକୁ ଆସିବା ପରେ ତାଙ୍କ ପତ୍ନୀଙ୍କୁ ପୁଲିସ୍ ଛାଡି ଦେଇଥିଲା। ପୁଲିସ୍ ରାମକୃଷ୍ଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଏହାଛଡ଼ା ଅବକାରୀ ବିଭାଗ ଓ ପୁଲିସ୍‌ର ମିଳିତ ଟିମ୍ ନେଇଗାଁ, ଦାଡିଆଗୁଡ଼ା ଓ ରାଜୋଡ଼ା ଗାଁରେ ଚଢ଼ାଉ କରି ୧୫୦ ଲିଟର ଦେଶୀ ମଦ ଜବତ କରିଛି।

## ଆସନ୍ତା ଶିକ୍ଷାବର୍ଷରୁ ସ୍କୁଲ ପାଠ୍ୟକ୍ରମରେ ସ୍ଥାନ ପାଇବ ବିପର୍ଯ୍ୟୟ ପରିଚାଳନା



ଭୁବନେଶ୍ୱର୧୨।୫(ପି.ଏନ): ଆସନ୍ତା ଶିକ୍ଷାବର୍ଷରୁ ସ୍କୁଲ ପାଠ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନା କୋର୍ସ ସ୍ଥାନ ପାଇବ । ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପାଠ୍ୟକ୍ରମ ପ୍ରସ୍ତୁତି କରାଯାଉଛି ବୋଲି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି । ତେବେ ସ୍କୁଲ ପାଠ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନାକୁ ସାମିଲ ପାଇଁ ୨୦୨୦ ଡିସେମ୍ବର ୨୯ରେ ରାଜ୍ୟ କ୍ୟାବିନେଟରେ ଏକ ସଂକଳ୍ପ ଗୃହୀତ କରିଥିଲେ ମଧ୍ୟ 'ଫାଇଭ-ଟି' କାର୍ଯ୍ୟକାରୀ କରୁଥିବା ବିଭାଗ ଏ ଦିଗରେ ତ୍ୱରିତ୍ ପଦକ୍ଷେପ ନନେବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।ଆଜି ସାମ୍ବାଦିକମାନଙ୍କୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ଯେ, ୨୦୨୩ ଶିକ୍ଷାବର୍ଷ ପାଇଁ ଯେଉଁ ବହି ଛପା ଯାଉଛି। ସେଥିରେ ବିପର୍ଯ୍ୟୟ ପରିଚାଳନା ପାଠ୍ୟକ୍ରମକୁ ସାମିଲ କରାଯିବ । ତେବେ କେଉଁ ଶ୍ରେଣୀରେ ଏହି ପାଠ୍ୟକ୍ରମ ରହିବ ତାହା ଏସସିଇଆରଟି ବିଚାର ବିମର୍ଶ କରୁଛନ୍ତି । ନବମ-ଦଶମ ଶ୍ରେଣୀ ପିଲାଙ୍କ ପାଇଁ କ'ଣ ରହିବ, ତଳ କ୍ଲାସରେ କ'ଣ ରହିବ ସେ ଦିଗରେ କାମ ଚାଲିଛି । ବିପର୍ଯ୍ୟୟ ପରିଚାଳନାକୁ ସ୍କୁଲ ପାଠ୍ୟକ୍ରମରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ । ସେ ଦିଗରେ କାର୍ଯ୍ୟ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ।ସୂଚନାଯୋଗ୍ୟ, ୨୦୨୦ ଡିସେମ୍ବର ୨୯ରେ ରାଜ୍ୟ କ୍ୟାବିନେଟରେ ସଂକଳ୍ପ ପ୍ରସ୍ତାବ ଗୃହୀତ ହେବା ଓ ଏହାର ସପ୍ତାହକ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଘୋଷଣା କରି କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା ପାଇଁ ପ୍ରତ୍ୟେକ ଘରେ ଜଣେ ଯୋଦ୍ଧା ସୃଷ୍ଟି କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ । ସ୍କୁଲ ପାଠ୍ୟକ୍ରମ ଓ ନିଯୁକ୍ତି ସିଲାବସରେ ମଧ୍ୟ ବିପର୍ଯ୍ୟୟ ପରିଚାଳନାକୁ ସାମିଲ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ ବି ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନି ।

## ତାଜମହଲର ୨୨ କୋଠରୀ ଖୋଲିବା ମାମଲା: ଆବେଦନକାରୀଙ୍କୁ ହାଇକୋର୍ଟଙ୍କ ଶକ୍ତ ଝଟ୍‌କା



ଲକ୍ଷ୍ନୌ, ଭୁବନେଶ୍ୱର : ତାଜମହଲରେ ବନ୍ଦ ଥିବା ୨୨ଟି କୋଠରୀକୁ ଖୋଲିବା ଲାଗି ହୋଇଥିବା ଆବେଦନକୁ ଆହ୍ଲାବାଦ ହାଇକୋର୍ଟ ଖାରଜ କରିଦେଇଛନ୍ତି। ତାଜମହଲର ଇତିହାସ ସମ୍ପର୍କରେ ଯାଞ୍ଚ କରିବାକୁ ୨୨ଟି କୋଠରି ଖୋଲିବା ପାଇଁ ଏକ ତଥ୍ୟ ଅନ୍‌ଓ୍ୱେଷଣକାରୀ ଟିମ୍ ଗଠନ କରିବାକୁ ବିଜେପି ନେତା ରଜନୀଶ ସିଂହ ଆବେଦନ କରିଥିଲେ ।ତେବେ କୋର୍ଟ କହିଛନ୍ତି ଯେ, ତାଜମହଲ ପଛର ସତ୍ୟାସତ୍ୟ ଯାଞ୍ଚ ପାଇଁ ତଥ୍ୟ ଅନ୍‌ଓ୍ୱେଷରକାରୀ କମିଟି ଗଠନ ପାଇଁ ହୋଇଥିବା ଆବେଦନ ଅଯଥାର୍ଥ ପ୍ରସଙ୍ଗ। କୋର୍ଟ ମାଧ୍ୟମରେ ଆବେଦନକାରୀ ଅର୍‌ଡର ପ୍ରାପ୍ତ କରିପାରିବେ ନାହିଁ। ବନ୍ଦ ଥିବା କୋଠରୀ ପ୍ରସଙ୍ଗରେ ଗବେଷଣା ପାଇଁ ଐତିହାସିକଙ୍କ ଉପରେ ନ୍ୟସ୍ତ କରାଯାଉ। ଏଥିପାଇଁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ କରାଯାଉ ବୋଲି ହୋଇଥିବା ଦାବି ଅଯଥାର୍ଥ ଏବଂ ଏହା ଅଧିକାରଭୁକ୍ତ ନୁହଁ। ଏହା ମଧ୍ୟ ସୂଚନା ଅଧିକାର ପରିଧି ମଧ୍ୟରେ ଆସୁ ନାହିଁ ବୋଲି ହାଇକୋର୍ଟ କହିଛନ୍ତି ।ସୂଚନା ଅନୁଯାୟୀ, ଗତ ସପ୍ତାହରେ ତାଜମହଲରେ ବନ୍ଦ ଥିବା ୨୨ଟି କୋଠରିକୁ ଖୋଲିବା ନେଇ କୋର୍ଟରେ ରଜନୀଶ ସିଂହଙ୍କ ପକ୍ଷରୁ ଆବେଦନ କରାଯାଥିଲା। ଆବେଦନରେ କୁହାଯାଇଛି ଯେ, ଏହି ବିଶାଳ ସାମଧି ବାସ୍ତବରେ ଗୋଟାଏ ପୁରାତନ ଶିବ ମନ୍ଦିର ବୋଲି କେତେକ ଐତିହାସିକ ଓ ହିନ୍ଦୁ ସଙ୍ଗଠନ ଦାବି କରୁଛନ୍ତି। ବନ୍ଦ କୋଠରି ଗୁଡିକୁ ପରୀକ୍ଷା କରି ସେ ସଂକ୍ରାନ୍ତ ରିପୋର୍ଟ ସର୍ବସାଧାରଣରେ ପ୍ରକାଶ କରିବା ଲାଗି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବ ?କ୍ଷଣ ସ୍ୱତନ୍ତ୍ର କମିଟି ଗଠନ କରିବା ଲାଗି ଆବେଦନକାରୀ ନିବେଦନ କରିଥିଲେ । ଆବେଦନକାରୀ କହିଛନ୍ତି ଯେ, ମୁଁ ତାଜମହଲକୁ ମନ୍ଦିର କରିବା ଲାଗି ଦାବି କରୁ ନାହିଁ। କିନ୍ତୁ ସାମାଜିକ ସଂହତି ପାଇଁ ସତ୍ୟ ପଦାକୁ ଆସୁ ବୋଲି ସେ ଚାହିଁଛନ୍ତି ।ମାମଲାରେ ଆଲ୍ଲାବାଦ ହାଇକୋର୍ଟର ୨ ଜଣିଆ ବିଚାରପତି ବିଶିଷ୍ଟ ଖଣ୍ଡପୀଠ ବିରକ୍ତି ପ୍ରକାଶ କରିଛନ୍ତି। ଜନସ୍ୱାର୍ଥ୍ୟ ମାମାଲାକୁ ବିଦ୍ରୁପ ନକରିବାକୁ କୋର୍ଟ କହିଛନ୍ତି। ୨୨ କୋଠରୀ ଭିତରେ ଥିବା ପୁରାତନ ଐତିହ୍ୟ ବିଷୟର ଆବେଦନକାରୀ ଏକାଧିକ ଜନ ସ୍ୱାର୍ଥ୍ୟ ମାମଲା ରୁଜୁ କରିଛନ୍ତି। ଆବେଦନକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି କୋର୍ଟ କହିଛନ୍ତି ଯେ, ଆସନ୍ତାକାଲି ଆପଣ ଆମର ଚାମ୍ବର ଦେଖିବା ପାଇଁ ଅନୁମତି ମାଗିପାରନ୍ତି। ଦୟା କରି ଜନସ୍ୱାର୍ଥ୍ୟମ ମାମଲାକୁ ଏମିତି ବ୍ୟଙ୍ଗବିଦ୍ରୂପ କରନ୍ତୁ ନାହିଁ।

## ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ; ୨ ପାଇଲଟଙ୍କ ମୃତ୍ୟୁ

ରାୟପୁର,୧୨।୫: ପୁଣି ଦର୍ଘଟଣାଗ୍ରସ୍ତ ହେଲା ହେଲିକପ୍ଟର। ଛତିଶଗଡ଼ର ରାୟପୁରରେ ସରକାରୀ ହେଲିକପ୍ଟର ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ଦୁଇ ପାଇଲଟ୍ ?ଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଗୁରୁବାର ରାତିରେ ଛତିଶଗଡ଼ ରାୟପୁର ବିମାନବନ୍ଦରରେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି ।ଦୁର୍ଘଟଣା ସମ୍ପର୍କରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଏହି ହେଲିକପ୍ଟର କ୍ରାସରେ ଦୁଇ ପାଇଲଟ କ୍ୟାପ୍‌ଟେନ୍ ପଣ୍ଡା ଏବଂ କ୍ୟାପ୍‌ଟେନ୍ ଶ୍ରୀବାସ୍ତବଙ୍କର ମୃତ୍ୟୁ ହୋଇଥିବା ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରି ସୂଚନା ଦେଇଛନ୍ତି।

## ତାଳଚେର ମେଡିକାଲ କଲେଜ ପରିଚାଳନା ଦାୟିତ୍ୱ ନେଲେ ରାଜ୍ୟ ସରକାର, ନିଷ୍ପତ୍ତିକୁ ସ୍ୱାଗତ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୨।୫(ପି.ଏନ): ତାଳଚେର ମେଡିକାଲ କଲେଜର ପରିଚାଳନା ଦାୟିତ୍ୱ ନେଲେ ରାଜ୍ୟ ସରକାର । ରାଷ୍ଟ୍ରାୟତ କମ୍ପାନୀ ଗଉଖ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ନାମରେ ନାମିତ ଏହି ମେଡିକାଲ କଲେଜ ପାଇଁ ୨୦୧୫ ମସିହାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୫୦୦କୋଟି ଟଙ୍କା ଖର୍ଚ୍ଚରେ ୧୦୦ ଏମବିବିଏସ୍‌ସିଟ୍ ଏବଂ ୫୦୦ଶଯ୍ୟା ବିଶିଷ୍ଟ ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ଅନୁଗୋଳ ସମେତ ୬ଟି ଜିଲ୍ଲାର ପ୍ରାୟ ୭୦ଲକ୍ଷ ଲୋକେ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ । ଏହି ମେଡିକାଲ କଲେଜ ପାଇଁ ୨୦ ଏକର ଜାଗା ଦେବା ସହ ସବୁ ପ୍ରକାର ସହଯୋଗ କରିଥିଲେ ରାଜ୍ୟ ସରକାର । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହି ମେଡିକାଲ କଲେଜକୁ ଚଳାଇବ । ଆଉ ଏଥି ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇଦେବ ମହାନଦୀ କୋଲ ଫିଲଡ୍ ବା ଗଉଖ । ଅନୁଗୋଳ ଜିଲ୍ଲା ଓ ଏହାର ଆଖପାଖ ଅଂଚଳର ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାରେ ଏହି ପଦକ୍ଷେପ ପ୍ରମୁଖ ଭୂମିକା ଗ୍ରହଣ କରିବ । ରାଜ୍ୟ ସରକାରଙ୍କ ସହାୟତାରେ ଏହି ମେଡିକାଲ କଲେଜକୁ ଆଗାମୀ ଦିନରେ ଆହୁରି ସମୃଦ୍ଧ କରାଯିବ ।ସେପଟେ ତାଳଚେର ମେଡିକାଲ କଲେଜ ଚଳାଇବା ଦାୟିତ୍ୱ ରାଜ୍ୟସରକାର ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏଥି ସହ ରାଜ୍ୟ ସରକାର ଗଉଖ ସହ ସମନ୍ୱୟ ରକ୍ଷା କରି ଯଥା ଶୀଘ୍ର ଏହି ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି ଧର୍ମେନ୍ଦ୍ର ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ସବୁଠାରୁ ଛୋଟିଆ ଗାଁ



ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ 'ଜଙ୍ଗଲ୍ସ ଇନ୍ ପ୍ୟାରିସ' ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ପର୍ଯ୍ୟବେକ୍ଷକ
PARYABEKHYAK



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ର ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ମେ' ୧୩

# ଜାତି, ଜାତୀୟତା ଓ ଜାତୀୟ ସଂହତି



ଚରମ ମହାଦେଶ ଏସିଆର ପରମ ଏବଂ ଚରମ ଦେଶ ଭାରତ। କଥାରେ କୁହାଯାଏ: ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ। ଅର୍ଥାତ୍ ଭାରତରେ ଯାହା ନାହିଁ ତାହା ବିଶ୍ୱରେ ନାହିଁ । ସବୁ ପ୍ରକାର ଭୌଗୋଳିକ, ଐତିହାସିକ, ରାଜନୈତିକ, ଧର୍ମନୈତିକ, ଉଦ୍ଭିଦ, ପ୍ରାଣୀ ଓ ଜଳବାୟୁ, ରଙ୍ଗ ବା ବର୍ଣ୍ଣର ମଣିଷ ଜାତି ଓ ତାଙ୍କ ଭାଷା ଇତ୍ୟାଦିର ସମାହାର ଏ ଭାରତ। ଏଣୁ ଏହା ଏକ ଚରମ ଭୂଖଣ୍ଡ। ଭାରତ ଏକ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ସ୍ୱାଧୀନ ଧର୍ମନିରପେକ୍ଷ ଏବଂ ସାର୍ବଭୌମ ରାଷ୍ଟ୍ର। ତ୍ରିରଙ୍ଗା ଏହାର ଜାତୀୟ ପତାକା 'ଜନଗଣ ମନ...' ଏହାର ଜାତୀୟ ସଂଗୀତ, 'ଅଶୋକଚକ୍ର' ଏହାର ଜାତୀୟ ପ୍ରତୀକ ଏବଂ ଧର୍ମଚକ୍ର। ଆମର ଦ୍ୱୈତ ନାଗରିକ ନାହିଁ । ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ର ସହିତ ମିଶି ଗଢ଼ିଛନ୍ତି ରାଷ୍ଟ୍ରସଂଘ। ଯାହାର ନାଗରିକତା ହେଉଛି ଗୋଟିଏ: ଆମେ ଜାତି-ଧର୍ମ-ବର୍ଣ୍ଣ-ସଂପ୍ରଦାୟ-ବାଳବୃଦ୍ଧ ନିର୍ବିଶେଷରେ ଭାରତୀୟ। ଭାରତୀୟତା ଆମ ଗର୍ବ, ଗୌରବ ଏବଂ ସମ୍ମାନ।

ବିଭିନ୍ନ ସମୟରେ ଭାରତକୁ ବୈଦେଶିକମାନେ ୧୭ ଥର ଆକ୍ରମଣ, ଲୁଣ୍ଠନ ବା ଶାସନ କରିଛନ୍ତି। ଏସବୁ ଜାତିମାନେ ହେଲେ ଆଫଗାନ ଅମୀର, ମଙ୍ଗୋ. ମୋଗଲ, ମରହଟ୍ଟା... ଏବଂ ଶେଷରେ ଇଂରେଜମାନେ ଶାସନ କରିଛନ୍ତି। ଷୋଡ଼ଶ ଶତାବ୍ଦୀରେ ପ୍ରଥମେ ପର୍ତ୍ତୁଗୀଜ ଓ ୧୬୦୦ ମସିହାରେ ଇଂରେଜ ଇଷ୍ଟ ଇଣ୍ଡିଆ କଂପାନୀ ବାଣିଜ୍ୟ ଉଦ୍ଦେଶ୍ୟରେ ଜଳପଥରେ ଭାରତକୁ ଆବିଷ୍କାର କାରଣରୁ ଆସିଥିଲେ ଏବଂ ପରେ ଏହା ଅଙ୍ଗୁଳି ପ୍ରବେଶରେ ବାହୁ ପ୍ରବେଶ ନ୍ୟାୟ ହେଲା। ୧୭୫୭ ଖ୍ରୀଷ୍ଟାବ୍ଦରେ ଇଷ୍ଟ ଇଣ୍ଡିଆ କଂପାନୀ ଏବଂ ବଙ୍ଗର ନବାବ ସିରାଜ ଉଦ୍ଦୌଲାଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ହେଲା ଏବଂ ସିରାଜ ପରାସ୍ତ ହେଲେ। ଏଇଠି କଂପାନୀର ଭାରତ ଶାସନ ଆରମ୍ଭ ହେଲା। ଏ ଶାସନ ଚାଲିଲା ୧୮୫୭ ମସିହା ଯାଏଁ। ୧୮୫୭ ମସିହାର କଂପାନୀ ବିରୁଦ୍ଧରେ ଯେଉଁ ସଂଗ୍ରାମ ଥିଲା ତାହା ଥିଲା ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ଅଧ୍ୟାୟ। ଏହାପରେ କଂପାନୀ ଶାସନର ଇତିହେଲା ଏବଂ ଭାରତ ଶାସନ ଇଂରେଜ ସରକାରଙ୍କ ହାତକୁ ଚାଲିଗଲା। ଇଂରେଜ ବିରୁଦ୍ଧରେ ଆମ ସଂଗ୍ରାମ ଚାଲୁ ରହିଲା ଏବଂ ୧୯୪୭ ଅଗଷ୍ଟ ୧୫ରେ ଦୀର୍ଘ ୧୯୦ ବର୍ଷ ଲଢ଼େଇ ପରେ ଆମେ ମୁକ୍ତ ହେଲୁ।

ଏଠାରେ ଗୋଟିଏ କଥା ସୂଚାଇଦେଉ ଯେ ସ୍ୱାଧୀନତା ପୂର୍ବରୁ ଭାରତବର୍ଷ ଛୋଟ ଛୋଟ ରାଜ୍ୟ ଦ୍ୱାରା ଶତଧା ବିଭକ୍ତ ଥିଲା ଏବଂ ଏସବୁ ରାଜ୍ୟରେ ରାଜା, ସମ୍ଭ୍ରାନ୍ତ ବା ସାମନ୍ତ ରାଜାମାନେ ଶାସନ କରୁଥିଲେ। ନିଜ ରାଜ୍ୟର ସରହଦ ଓ ପ୍ରତିପତ୍ତି ନେଇ ସେମାନେ ବାରମ୍ବାର ଯୁଦ୍ଧରେ ବ୍ୟାପୃତ ଥିଲେ। ଏମାନଙ୍କର ଭାଷାଗତ କିମ୍ବା ରାଜନୈତିକ ଏକତା ନଥିଲା। ଏମାନେ ଏହି କାରଣରୁ ବିଦେଶୀମାନଙ୍କୁ ପ୍ରତିରୋଧ କରିନପାରି ସେମାନଙ୍କର ଶିକାର ହେଲେ। ଭାରତର ସ୍ୱାଧୀନତା ସଂଗ୍ରାମ ଶିଖାଇ ଦେଲା ଯେ, ଏକତା ହିଁ ବଳ। ଏକତା ବଳରେ ହିମାଳୟକୁ ବି ଟାଳି ହୋଇପାରେ। ଭାରତରେ ବିଭିନ୍ନ ଜାତି, ବର୍ଣ୍ଣ, ଧର୍ମ ସଂପ୍ରଦାୟ, ବୃତ୍ତି, ଖାଦ୍ୟ, ପାନୀୟ, ପୋଷାକ ଓ ଚଳଣିର ଲୋକ ଅଛନ୍ତି। ଏଣୁ ସାମଞ୍ଜସ୍ୟ ପରିବର୍ତ୍ତେ ବିଭିନ୍ନତା ଅଛି। ବିଭିନ୍ନତା ହିଁ ଏକତାର ଅନ୍ତରାୟ ହେବା ସ୍ୱାଭାବିକ। ଇଂରାଜୀରେ ଏକ କଥା ଅଛି-ୟୁନାଇଟେଡ୍ ଉଇ ଷ୍ଟାଣ୍ଡ ଏଣ୍ଡ ଡିଭାଇଡେଡ୍ ଉଇ ଫଲ୍। ଅର୍ଥାତ୍ ଏକତା ବଳରେ ଆମେ ବଳିୟାନ୍ ଏବଂ ବିଭିନ୍ନତାରେ ଆମେ ପରାସ୍ତ ବା ଦୁର୍ବଳ। ଭାରତ ସ୍ୱାଧୀନତା ହେଲା ପରେ ଚିନ୍ତା କଲା ଯେ ଆମ ବିଭିନ୍ନତା ମଧ୍ୟରେ ଏକତା ନରହିଲେ ଆମେ ଦୁର୍ବଳ ହୋଇଯିବା ଏବଂ ଦେଶ ପୁଣି ଖଣ୍ଡ ଖଣ୍ଡ ହୋଇଯିବ ଓ ଆମେ ସ୍ୱାଧୀନତା ହରାଇବା। ଏଣୁ ଏକତା ରହିବା ଜରୁରୀ। ବିଭିନ୍ନତା ମଧ୍ୟରେ ଏକତା ରହିବା ହିଁ ସଂହତି। ଭାରତୀୟଙ୍କ ପାଇଁ ଏ ସଂହତି, ଜାତୀୟ ସଂହତି। ମନେରଖିବା ଯେ ଭାରତର ସୀମା ସରହଦ ମଧ୍ୟରେ ବାସ କରୁଥିବା ଏକ ନାଗରିକପ୍ରାପ୍ତ ସମସ୍ତ ବ୍ୟକ୍ତି ଗୋଟିଏ ଜାତି: ଭାରତୀୟ, ଆମେ ଭାରତୀୟ।

ବିଭିନ୍ନତା ମଧ୍ୟରେ ଏକତା ରଖିବା ଜାତୀୟ ସଂହତି ହେଲେ ହେଁ, ବିଭିନ୍ନତା ମଧ୍ୟ ସଂହତିର ପ୍ରତିବନ୍ଧକ। ଏହାର ବିଭିନ୍ନ କାରଣଗୁଡିକ ହେଲେ: ଦେଶର ବିଶାଳତା, ଧର୍ମଗତ ପାର୍ଥକ୍ୟ, ଭାଷାଗତ ପାର୍ଥକ୍ୟ, ନିରକ୍ଷରତା, ଜାତିଆଣ ଭାବ, ଦାରିଦ୍ର୍ୟ, ଆଞ୍ଚଳିକତା, ସାଂପ୍ରଦାୟିକତା, ବୈଦେଶିକ ହସ୍ତକ୍ଷେପ, ବିଚ୍ଛିନ୍ନତାବାଦୀ ସଂଗଠନର କୁପ୍ରଭାବ ଏବଂ ଏହିପରି ଅନେକ କିଛି।

ଏକତା କ୍ଷେତ୍ରରେ ଯେପରି ବିଭିନ୍ନ ପ୍ରତିବନ୍ଧକ ଅଛନ୍ତି, ସେମିତି କିଛି ସହାୟକ ଉପାଦାନ ମଧ୍ୟ ସଂହତି ବୃଦ୍ଧିର ଉପାଦାନ। ସେମାନେ ହେଲେ- ସାଂସ୍କୃତିକ ଏକତ୍ରୀକରଣ, ଅର୍ଥନୈତିକ ବିକାଶ, ସହନଶୀଳତା, ଶିକ୍ଷାର ପ୍ରସାର, ଆଞ୍ଚଳିକ ବୈଷମ୍ୟ ଦୂରୀକରଣ, ସଂଖ୍ୟାଲଘୁ ସଂପ୍ରଦାୟର ସୁରକ୍ଷା, ପରସ୍ପର ପ୍ରତି ଶ୍ରଦ୍ଧା ଓ ସମ୍ମାନ, ବିଭିନ୍ନ ଧର୍ମ ଓ ସଂପ୍ରଦାୟ ମଧ୍ୟରେ ଭାଇଚାରା ସଂପର୍କ, ରାଜ୍ୟ-ରାଜ୍ୟ, କେନ୍ଦ୍ର ରାଜ୍ୟ ସ୍ତରରେ ପୂଜ୍ୟାପୂଜ୍ୟ ଓ ଭାବର ଆଦାନ ପ୍ରଦାନ, କଳା-ସଂସ୍କୃତି-ସାହିତ୍ୟ ଓ ସାହିତ୍ୟିକଙ୍କ ପ୍ରତି ଯଥୋଚିତ ସମ୍ବର୍ଦ୍ଧନା, ମାନପତ୍ର ଓ ପୁରସ୍କାର ପ୍ରଦାନ ଇତ୍ୟାଦି ବିଚାରଯୋଗ୍ୟ। ଏକଥା ମାନିବାକୁ ହେବ ଯେ ଆମେ ଅନ୍ୟକୁ ଶ୍ରଦ୍ଧା ନକଲେ, ସେ ଆମକୁ ଶ୍ରଦ୍ଧା କରିବ କିଆଁ । ଆମେ ଅନ୍ୟ ଧର୍ମ ଓ ସଂସ୍କୃତିକୁ ଭଲ ନପାଇଲେ, ସେ ଆମକୁ ସେ ସମ୍ମାନ ଦେବ କିଆଁ?

ଭାରତରେ ଜାତୀୟ ସଂହତି ବଜାୟ ରଖିବାରେ ଏବଂ ଏହାକୁ ଦୃଢ଼ କରିବାରେ ଏକ ଜାତୀୟ ସଂହତି ପରିଷଦ ଗଠନ ହୋଇଛି। ଏଥିରେ ପ୍ରଧାନମନ୍ତ୍ରୀ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳର ସାତଜଣ ନେତା, ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଅଧ୍ୟକ୍ଷ, କେତେକ ଶିକ୍ଷାବିତ୍ ଓ ସମାଜସେବୀଙ୍କୁ ନେଇ ଗଠିତ।

ଜାତୀୟ ସଂହତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଆମର ପୂର୍ବତନ ରାଷ୍ଟ୍ରପତି ତଥା ମହାନ୍ ଦାର୍ଶନିକ ସର୍ବପଲ୍ଲୀ ରାଧାକୃଷ୍ଣନ କହିଛନ୍ତି: ଜାତୀୟ ସଂହତି କାହୁଅ ଓ ଇଟାର ଏକ ଗୃହ ନୁହେଁ, ଏହା ଏକ ଶିଳ୍ପ ଯୋଜନା ନୁହେଁ ଯାହା କି ବିଶେଷଜ୍ଞମାନଙ୍କ ଦ୍ୱାରା ଆଲୋଚିତ ବା କାର୍ଯ୍ୟକାରୀ ହୋଇପାରିବ। ଅପରପକ୍ଷରେ ଏହା ଏକ ଭାବନା ଯାହାକି ଲୋକଙ୍କ ମନରେ ପ୍ରବେଶ କରିବା ଦରକାର। ପରିଶେଷରେ ଏହି ଭାବନା ହିଁ ଲୋକମାନଙ୍କୁ ଜାଗ୍ରତ କରିପାରିବ। ଏହାଫଳରେ ଆମେ ସକଳ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିପାରିବୁ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା, ଫୋନ୍-୯୯୩୮୩୪୪୧୩୮**

## ଆଜିର ଅନୁଚିନ୍ତା

ଦୈହିକ ଓ ମାନସିକ କ୍ଷୁଧା ତ' ସର୍ବଦା ମେଣ୍ଟାଇ ଚାଲିଛ, ଆତ୍ମାର କ୍ଷୁଧା ମେଣ୍ଟାଇବ କେବେ?

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ବିଶ୍ୱର ନିଃସ୍ୱମାନଙ୍କ ପାଇଁ ମୂଲ୍ୟବୋଧର ସଂଜ୍ଞା କ'ଣ ?

ତୃତୀୟ ବିଶ୍ୱରେ ମାନବିକ ମୂଲ୍ୟବୋଧର କୌଣସି ସତା ନାହିଁ, ଏକଥା ନିର୍ବିବାଦରେ କୁହାଯାଇପାରେ। ଏପରିକି ଯେଉଁ ଦେଶମାନଙ୍କରେ ଗଣତନ୍ତ୍ର ଅଛି (ଯାହାର ସଂଖ୍ୟା ଅତି କମ୍) ସେଠାରେ ମଧ୍ୟ ମାନବିକ ମୂଲ୍ୟବୋଧ ପ୍ରତି ସ୍ୱାଭାବିକ ନଜର ନାହିଁ କିମ୍ବା ସଚେତନ ଦୃଷ୍ଟିଭଙ୍ଗୀ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଇନର ଶାସନ (Rule of Law) "ଗଣତାନ୍ତ୍ରିକ" ଦେଶମାନଙ୍କରେ ତ ନାହିଁ ଏବଂ ଯେଉଁସବୁ ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ରହିଛି ବୋଲି ଦାବି କରିହେବନି, ସେଠାରେ ମାନବିକ ମୂଲ୍ୟବୋଧର ପ୍ରଶ୍ନ ଉଠେନା। ତର୍କ ଶାସ୍ତ୍ରରେ ମଣିଷକୁ ଏକ ପ୍ରାଣୀର ଆଖ୍ୟା ଦିଆଯାଇଥିଲେ ମଧ୍ୟ ଅନ୍ୟ ପ୍ରାଣୀଙ୍କଠାରୁ ମଣିଷର ଉତ୍କର୍ଷ ଭିନ୍ନତା ପାଇଁ ଏକ ସଂଜ୍ଞା ଦିଆଯାଇଛି। ମଣିଷ ଏକ ହେତୁବାଦୀ ପ୍ରାଣୀ (Man is a rational animal) ବୋଲି କୁହାଯାଇଛି। Rational ଇଂରାଜୀ ଶବ୍ଦର ଅର୍ଥ ହେତୁବାଦୀ, ବିଚାରକ୍ଷମ, ବିଚାରବୁଦ୍ଧିସମ୍ପନ୍ନ, ବିବେକୀ, ବିଜ୍ଞ, ମିତାଚାରୀ କିମ୍ବା ବୁଦ୍ଧିମାନ ବୋଲି ଅଭିଧାନିକ ଅର୍ଥରେ ବୁଝାଯାଇପାରେ। "ବୁଦ୍ଧିମାନ" ଉର୍ଦ୍ଧ୍ୱକୁ ଗଲେ ହେତୁବାଦୀ ହୋଇପାରେ। ତଳକୁ ଖସିଲେ ଚତୁର ସ୍ତରରେ ପଂହଚିପାରେ। ଚତୁରତାରୁ ମଣିଷ ଶଠତା, ପ୍ରବଚଂନା, ସ୍ୱାର୍ଥପରତା, ଖଳତା ଓ ଅତ୍ୟାଚାରୀର ଭୂମିକାକୁ ଖସିଯାଇପାରେ। ହେତୁବାଦୀ ପ୍ରାଣୀରୁ ଅତ୍ୟାଚାରୀ ପଶୁରେ ପରିଣତ ହେବାର ସ୍ତରକୁ ଓହ୍ଲାଇବା ମଣିଷ ପାଇଁ ଅତି ସହଜ। ଉପରକୁ ଚଢିବା କଷ୍ଟକର। ତେଣୁ ମଣିଷଟି ମାନବିକ ମୂଲ୍ୟବୋଧର ହେତୁବାଦୀ ସଚେତନତା ରକ୍ଷା ନ କରି ଅହେତୁକୀ ଅତ୍ୟାଚାର ଆଡକୁ ମାଡିଚାଲିଛି। 'ମଣିଷ' ବୋଇଲେ ମୁଁ ବୁଝୁଛି ଅଧିକାରୀମାନଙ୍କୁ। ଯେଉଁମାନେ ନିଷ୍ପତି ଗ୍ରହଣର ଦାୟିତ୍ୱ ସାଧାରଣଙ୍କଠାରୁ ନେଇଯାଇଛନ୍ତି। ଆନୁଷ୍ଠାନିକ ପରିଧି ମଧ୍ୟରେ ନିଜର ବିଚାରକ୍ଷମତା, ବିଚାରବୁଦ୍ଧି, ବିବେକ ଓ ବିଜ୍ଞତା ବ୍ୟବହାର କରି ସାଧାରଣଙ୍କ ପାଇଁ ମାନବିକ ମୂଲ୍ୟବୋଧ ଅକ୍ଷୁର୍ଣ୍ଣ ରଖିବା ତାଙ୍କର କାମ। ମାନବିକ ମୂଲ୍ୟବୋଧ ରକ୍ଷା ହେଲେ ସାଧାରଣ ଲୋକେ ମାନବିକ ଅଧିକାର ସମ୍ପୂର୍ଣ୍ଣ ଉପଭୋଗ କରିବା ସମ୍ଭବ ହେବ। ଯେହେତୁ ଅଧିକାରୀମାନେ ମାନବିକ ମୂଲ୍ୟବୋଧ କଥା ଭୁଲିଯାଇଛନ୍ତି। ମାନବିକ ଅଧିକାର ସେହି ଅନୁସାରେ କ୍ଷୁର୍ଣ୍ଣ ହେଉଛି। ଆନ୍ତର୍ଜାତିକ ସ୍ତରରେ ପ୍ରଥମ ବିଶ୍ୱ ତୃତୀୟ ବିଶ୍ୱର ମାନବିକ ମୂଲ୍ୟବୋଧ ରକ୍ଷା ସମ୍ପର୍କରେ ଅନାଗ୍ରହୀ। ତୃତୀୟ ବିଶ୍ୱର ଅଧିକାରୀମାନେ ନିଜ ଜନସାଧାରଣଙ୍କ ମାନବିକ ମୂଲ୍ୟବୋଧ ରକ୍ଷା କରିବା ପରିବର୍ତ୍ତେ ଅତ୍ୟାଚାରୀରେ ପରିଣତ ହୋଇଛନ୍ତି। ମାନବିକ ମୂଲ୍ୟବୋଧର କ୍ଷୟ ସହିତ ମାନବିକ ଅଧିକାରର ମାତ୍ରା ମଧ୍ୟ ଆନୁପାତିକ ମାତ୍ରାଠାରୁ ଅଧିକ ପରିମାଣରେ କ୍ଷୟପ୍ରାପ୍ତ ହେଉଛି।

ମାନବିକ ମୂଲ୍ୟବୋଧର କ୍ଷୟର କାରଣକୁ ଯଦି ବିଚାର କରାଯାଏ ତେବେ ତୃତୀୟ ବିଶ୍ୱ ଅର୍ଥାତ୍ ବିକାଶଶୀଳ ଗରିବ ଦେଶମାନଙ୍କରେ ମାନବିକ ମୂଲ୍ୟବୋଧ ରକ୍ଷା କରାଯାଇ ନ ପାରିବାର ମୁଖ୍ୟତଃ ଦୁଇଟି କାରଣ ରହିଛି। ପ୍ରଥମ କାରଣ ହେଲା ଏହିସବୁ ଦେଶଗୁଡିକରେ ଶାସକ ଗୋଷ୍ଠୀ ସାଧାରଣ ଲୋକର ଦୁରବସ୍ଥା ପ୍ରତି ସମ୍ବେଦନଶୀଳ ନୁହଁନ୍ତି। ସେମାନେ ଏକ ସୁବିଧାଭୋଗୀ ଶ୍ରେଣୀ। ସୁବିଧା ଭୋଗର ଯଦି ସମବଂଟନ କରାଯାଏ, ତେବେ ଶାସକ ଗୋଷ୍ଠୀ ଭାଗରେ କେତେ ଅଂଶ ପଡିବ? ସେମାନେ ଯଦି ଦେଶର ସମସ୍ତଙ୍କ ପ୍ରତି ମାନବିକ ନ୍ୟାୟ ଦେବେ, ତେବେ ନିଜ ପ୍ରତି ଯଥେଷ୍ଟ ନ୍ୟାୟ ଦେଇପାରିବେନି। ନିଜକୁ ନ୍ୟାୟ ଦେବାକୁ ଯାଇ ରାଷ୍ଟ୍ରର ବିଭିନ୍ନ କାର୍ଯ୍ୟରେ ସମତୁଲ ଅବଦାନ ଦେବାକୁ ସମ୍ବଳ ଯଥେଷ୍ଟ ରହିବ ନାହିଁ। ତେଣୁ ଆର୍ଥିକ ସ୍ୱଚ୍ଛଳତା ଓ ଅନ୍ୟାନ୍ୟ ଅଧିକାର କ୍ଷେତ୍ରରେ ଉଚ୍ଚରେ ଥିବା ଏହି ଗୋଷ୍ଠୀ ବହୁଭାଗ ସମ୍ବଳ ନିଜେ ଉପଭୋଗ କରିବା ପରେ ଯାହା ବଳକା ରହୁଛି, ତାହା ସମାଜର ତଳ ଅଂଶ ମଧ୍ୟରେ ଅବଲୀଳାକ୍ରମେ ଯେତିକି ବାଂଟି ହୋଇଯାଇପାରିବ ତାହା ଦେଖୁଛନ୍ତି। ଭାରତର ଅର୍ଥମନ୍ତ୍ରୀ ମନମୋହନ ସିଂହଙ୍କୁ ଥରେ ପ୍ରଶ୍ନ କରାଯାଇଥିଲା ଯେ, ତାଙ୍କର ନୂଆ ଅର୍ଥନୀତିରେ ସମାଜର ଉପରିଭାଗରେ ୧୦ ଶତାଂଶରୁ ୧୫ ଶତାଂଶ ମାତ୍ର ଯଥେଷ୍ଟ ଅଧିକ ସୁବିଧା ପାଇବେ ଓ ଅନ୍ୟ ୮୫ ଭାଗଙ୍କ ପାଇଁ ଯାହା ରହିବ, ସେଥିରେ ସେମାନଙ୍କ ପାଇଁ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନର ସୁଯୋଗ ରହିବ ନାହିଁ। ମନମୋହନ ସିଂହ କହିଥିଲେ, ନୂତନ ଅର୍ଥନୀତିରେ ଉପରଭାଗରୁ ଆର୍ଥିକ ବିକାଶର ଫଳ ତଳକୁ ବହିଯିବ। ଉପରେ ଥିବା ଲୋକେ ଅଧିକ ପାଇବା ସ୍ୱାଭାବିକ। କିନ୍ତୁ ସମୟକ୍ରମେ ବିକାଶର ଲାଭ ତଳପର୍ଯ୍ୟନ୍ତ ଯିବ। ସେଥିପାଇଁ ଅପେକ୍ଷା କରିବାକୁ ପଡିବ। ତାଙ୍କ ଯୋଜନାରେ ତଳଆଡୁ ବିକାଶର ଫଳ ମିଳିବନି। କାରଣ ତଳେ ଥିବା ଲୋକଙ୍କ ସଂଖ୍ୟା ଏତେ ଅଧିକ ଯେ ବିକାଶର ମାତ୍ରା ସେଠାରେ ଦୃଶ୍ୟମାନ ହେବା ସହଜ ନୁହେଁ।

ଦ୍ୱିତୀୟ ଦିଗଟି ହେଲା ଦରିଦ୍ର ଦେଶମାନଙ୍କରେ ମାନବ ସମ୍ବଳ ଓ ପ୍ରାକୃତିକ ସମ୍ପଦ ଭରି ରହିଥିଲେ ମଧ୍ୟ ତାହାର ଉପଯୁକ୍ତ ବ୍ୟବହାର ଓ ପ୍ରୟୋଗ ହୋଇପାରୁନାହିଁ। ବିଶ୍ୱର କତିଃପୟ ଧନୀ ରାଷ୍ଟ୍ରମାନେ ଦରିଦ୍ର ରାଷ୍ଟ୍ରମାନଙ୍କର ପ୍ରାକୃତିକ ସମ୍ପଦ ବ୍ୟବହାର ପାଇଁ ସର୍ବଦା ଚେଷ୍ଟିତ। ଦରିଦ୍ର ଦେଶମାନଙ୍କର ମାନବ ସମ୍ବଳକୁ ଉତ୍ପାଦନମୁଖୀ କାର୍ଯ୍ୟକଳାପରେ ପ୍ରୟୋଗ କରିବାକୁ କିନ୍ତୁ ଧନୀରାଷ୍ଟ୍ରମାନେ ଆଗ୍ରହୀ ନୁହଁନ୍ତି। ଧନୀରାଷ୍ଟ୍ରମାନେ ଦରିଦ୍ର ରାଷ୍ଟ୍ରର ଶାସକବର୍ଗଙ୍କୁ ସନ୍ତୁଷ୍ଟ କରିବାକୁ ଲଲିପପ୍ ଦେଇ ଦରିଦ୍ର ରାଷ୍ଟ୍ରର ମଣିଷମାନଙ୍କୁ ସେମାନଙ୍କର ଉଚିତ ନ୍ୟାୟରୁ ବଂଚିତ କରାଉଛନ୍ତି। ଦରିଦ୍ର ରାଷ୍ଟ୍ରର ଅପାରଗ ଶାସକ ଗୋଷ୍ଠୀ କିଛି ସୁବିଧା ବିନିମୟରେ ନିଜ ଦେଶର ଜନସାଧାରଣଙ୍କ ମାନବିକ ମୂଲ୍ୟବୋଧକୁ ଜଳାଞ୍ଜଳି ଦେବାରେ କୁଣ୍ଠା ପ୍ରକାଶ କରୁନାହାଁନ୍ତି। ଧନୀ ଦେଶର ବେକାରୀ ଲୋପ କରିବାକୁ ଦରିଦ୍ର ଦେଶରେ ବେକାରୀ କିପରି ବୃଦ୍ଧି ପାଇବ, ସେମାନେ ତାହାର ସୁଦୂରପ୍ରସାରୀ ଯୋଜନା କରୁଛନ୍ତି। ଦରିଦ୍ର ଦେଶମାନଙ୍କର ୧୫ ଶତାଂଶ ଲୋକ ଯଦି ଧନୀ ଦେଶମାନଙ୍କର ସ୍ୱଚ୍ଛଳ ଲୋକଙ୍କ ପରିସ୍ଥିତିରେ ରହନ୍ତି, ତେବେ ତୃତୀୟ ବିଶ୍ୱରେ ଯେଉଁ ଚାହିଦା ସୃଷ୍ଟି ହେବ, ତାହା ମେଂଟାଇବା ପାଇଁ ଧନୀ ଦେଶମାନଙ୍କରୁ ଆମଦାନୀ ବଢିବ। ଏହି ପ୍ରକ୍ରିୟାରେ ଦରିଦ୍ର ଦେଶମାନେ ସବୁଦିନ ପାଇଁ ଋଣଗ୍ରସ୍ତ ହେବାରେ ଲାଗିଛନ୍ତି। କେତେକ ଉଦାହରଣରୁ ଏହି ଦୃଶ୍ୟ ସ୍ପଷ୍ଟ ହୋଇଯିବ। ପ୍ରଥମେ ସ୍ୱାସ୍ଥ୍ୟ କଥା ବିଚାରକୁ ନିଆଯାଉ। ୧୯୭୮ ମସିହାରେ ସେତେବେଳର ସୋଭିଏତ୍ ୟୁନିଅନର କାଜାଗସ୍ଥାନର ଆଲମା-ଆଟାଠାରେ ବିଶ୍ୱର ସମସ୍ତଙ୍କ ପାଇଁ ବିଶେଷକରି ଦକ୍ଷିଣ ଗୋଲାର୍ଦ୍ଧର ବଂଚିତମାନଙ୍କ ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉଦ୍ଦେଶ୍ୟରେ ଏକ ସମ୍ମିଳନୀ ବସିଥିଲା। ଏହି ସମ୍ମିଳନୀ ଶେଷରେ ଆଲାମା-ଆଟା ଘୋଷଣାରେ "୨୦୦୦ ମସିହା ସୁଦ୍ଧା ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ"ର ଏକ ସ୍ଲୋଗାନ ଦିଆଗଲା। ଅନୁଭବ କରାଯାଇଥିଲା ଯେ, ପାଶ୍ଚାତ୍ୟ ଔଷଧ ଏବଂ ଚିକିତ୍ସା ମଡେଲ ଅତି ବ୍ୟୟସାପେକ୍ଷ। ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥା ସୃଷ୍ଟି କରିବାରେ ଏହି ବ୍ୟୟବହୁଳ ତଥାକଥିତ ଆଧୁନିକ ଚିକିତ୍ସା ପଦ୍ଧତି ସଫଳତା ଲାଭ କରିପାରିବ ନାହିଁ। ଏହି ପଦ୍ଧତିରୁ ଏକ ସଂଖ୍ୟାଲଘୁ ସୁବିଧାଭୋଗୀ ଗୋଷ୍ଠୀ କେବଳ ଉପକୃତ ହେଉଛନ୍ତି। ଏହି ବ୍ୟବସ୍ଥା ଫଳରେ ଦରିଦ୍ରଙ୍କ ରୋଗର ନିରାକରଣ ପରିବର୍ତ୍ତେ ରୋଗର ମାତ୍ରା ଜୀବନଗ୍ରାସୀ ହେଉଛି। ପ୍ରାଥମିକ ସ୍ୱାସ୍ଥ୍ୟସେବା ଏହି ସମ୍ମିଳନୀରେ ଯେଉଁ ରୂପ ନେଲା, ସେଥିରୁ ଜଣାପଡିଲା ଯେ, ଏହା ଏକ ସମ୍ପୂର୍ଣ୍ଣ ବ୍ୟବସ୍ଥା ହେବ। ଏଥିରେ ସାଧାରଣ ମଣିଷକୁ ପ୍ରାଧାନ୍ୟ ଦିଆଯିବ ଏବଂ ଜନସାଧାରଣ ଏହି ବ୍ୟବସ୍ଥାରେ ସକ୍ରିୟ ଅଂଶୀଦାର ହେବେ। କେବଳ ସ୍ୱାସ୍ଥ୍ୟସେବା ଏହାର ଲକ୍ଷ୍ୟ ହେବ ନାହିଁ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସାମାଜିକ ଓ ରାଜନୈତିକ ଦିଗ ପ୍ରତି ଏହି ବ୍ୟବସ୍ଥା ଦୃଷ୍ଟି ଦେବ। ଜନସାଧାରଣଙ୍କ ଆବଶ୍ୟକତା ଓ ଦାବି ଦୃଷ୍ଟିରୁ ସ୍ୱାସ୍ଥ୍ୟସେବା କର୍ମଚାରୀ, ସ୍ୱାସ୍ଥ୍ୟ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟଗୁଡିକ ମଧ୍ୟ ସାମାଜିକ ଦାୟିତ୍ୱ ସମ୍ପର୍କରେ ସଚେତନ ରହିବାକୁ ବାଧ୍ୟ ରହିବେ।

ଅଲମା-ଆଟା ଘୋଷଣା ପରେ ଦକ୍ଷିଣ ଗୋଲାର୍ଦ୍ଧର ଲୋକମାନଙ୍କ ପାଇଁ ଏକ ନୂତନ ସନ୍ଦେଶ ମିଳିଲା। ପାଶ୍ଚାତ୍ୟ ଔଷଧ ଏବଂ ଚିକିତ୍ସା ପ୍ରଣାଳୀରେ ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ଭବ ନୁହେଁ ବୋଲି ଏକ ସଚେତନତା ସୃଷ୍ଟି ହେଲା। ତେଣୁ ବିକଳ୍ପ ଔଷଧ ଓ ଚିକିତ୍ସା (Alternative Medicine and Therapy) ଧାରଣା ଶକ୍ତିଶାଳୀ ହେଲା। ଏହି ସମ୍ମିଳନୀ ଓ ସିଦ୍ଧାନ୍ତ ଫଳରେ ଦରିଦ୍ର ଦେଶର ଜନସାଧାରଣଙ୍କୁ ନିଜ ସ୍ୱାସ୍ଥ୍ୟ ବ୍ୟବସ୍ଥା କାର୍ଯ୍ୟକ୍ରମରେ ଅଂଶୀଦାର ହେବାର ଅଧିକାର ମିଳିବାର ସମ୍ଭାବନା ସୃଷ୍ଟି ହେଲା। ପ୍ରତ୍ୟେକ ଦେଶରେ ସ୍ୱକୀୟ ଔଷଧ ଓ ଚିକିତ୍ସା ମୌଳିକ ଦୃଷ୍ଟିରୁ ରହିଆସିଛି। ଶତାବ୍ଦୀ ଶତାବ୍ଦୀ ଧରି ସାଧାରଣ ଲୋକେ ଅଳ୍ପ କିମ୍ବା ବିନା ଖର୍ଚ୍ଚରେ ନିଜର ସ୍ୱାସ୍ଥ୍ୟ ବ୍ୟବସ୍ଥା କରିଆସିଛନ୍ତି। ଯେପରି ଭାରତରେ ଆୟୁର୍ବେଦ, ୟୁନାନୀ ଓ ଗ୍ରାମାଚଂଳର ତଥା ବନ୍ୟ ଅଂଚଳର ଜଡିବୁଟି ଚିକିତ୍ସା ସମସ୍ତ ଭାରତୀୟଙ୍କୁ ସହଜରେ ଏବଂ ଅଳ୍ପ ବ୍ୟୟରେ ମିଳିଆସିଥିଲା। ଅଲମା-ଆଟା ସମ୍ମିଳନୀର ଆଲୋଚନାରୁ ଏକ ଧାରଣା ଜନ୍ମ ନେଲା ଯେ, ସାଧାରଣ ଲୋକେ ଏହି ସହଜଲବ୍ଧ ଚିକିତ୍ସା ପ୍ରଣାଳୀର ନିୟାମକ ହେବେ, ଯଦ୍ଦ୍ୱାରା ସେମାନେ ନିଜ ଜୀବନରକ୍ଷା ଓ ସ୍ୱାସ୍ଥ୍ୟରକ୍ଷାର ଦାୟିତ୍ୱ ନିଜେ ନେବେ। ସବୁ ଦେଶରେ ପାଶ୍ଚାତ୍ୟ ଔଷଧ ଏବଂ ଚିକିତ୍ସା ପ୍ରଣାଳୀର ପ୍ରଚଳନ ଥିବାରୁ ଏହି ଦେଶଗୁଡିକର ଉଚ୍ଚସ୍ତରୀୟ ସ୍ୱାସ୍ଥ୍ୟ-ପ୍ରଶାସକ ଏବଂ ତଥାକଥିତ ସ୍ୱାସ୍ଥ୍ୟ-ବିଶାରଦମାନେ ପରିକଳ୍ପିତ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ କିପରି ପଣ୍ଡ କରିବେ, ତାହାର ଉପାୟ ଚିନ୍ତା କଲେ। ଧନୀ ରାଷ୍ଟ୍ରମାନଙ୍କର ଔଷଧ କମ୍ପାନୀ ଏବଂ ଯନ୍ତ୍ରପାତି ନିର୍ମାଣ କରୁଥିବା କମ୍ପାନୀମାନେ ସେମାନଙ୍କର ବ୍ୟବସାୟର ଭବିଷ୍ୟତ ବିପନ୍ନ ବୋଲି ଦେଖିପାରି ଦରିଦ୍ର ଦେଶର ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ପ୍ରଭାବିତ କଲେ। ଏହି ଧାରଣା ଓ ବ୍ୟବସ୍ଥାକୁ ପଣ୍ଡ କରିବାକୁ ୩ଟି ପର୍ଯ୍ୟାୟରେ ଉଦ୍ୟମ କରାଗଲା। ପ୍ରଥମଟି ହେଲା-୧୯୮୦ ଦଶକର ଆରମ୍ଭରେ ପ୍ରଚଳିତ ପାଶ୍ଚାତ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପ୍ରାଥମିକ ସ୍ୱାସ୍ଥ୍ୟ ପରିଚାଳନାରେ ଅଲକ୍ଷିତ ଭାବରେ ପ୍ରଚଳନ କରାଇବା। ୮୦ ଦଶକର ଶେଷ ଭାଗକୁ ବିଚାର କରାଗଲା ଯେ, ଚିକିତ୍ସାରେ ଯାହା ଖର୍ଚ୍ଚ କରାଯାଉଛି, ତାହାର ଏକ ଅଂଶ ପ୍ରକୃତ ଚିକିତ୍ସାଭୋଗୀଠାରୁ ଆଦାୟ କରିବା। ଏହି କ୍ରମରେ ଚିକିତ୍ସା ପାଇଁ ଇଚ୍ଛୁକ ଶ୍ରେଣୀ ଚିକିତ୍ସାର ସମସ୍ତ ଖର୍ଚ୍ଚ ବହନ କରିବେ। ଏହା ବିଶ୍ୱସ୍ତରରେ ଏପରି ଭାବରେ ପ୍ରବର୍ତ୍ତିତ ହେଲା ଯେ ଦରିଦ୍ର ଦେଶର ସରକାରମାନଙ୍କର ସ୍ୱାସ୍ଥ୍ୟ ବିଭାଗର ବଜେଟରେ ଯଥେଷ୍ଟ କାଂଟଛାଂଟ ଆରମ୍ଭ ହେଲା ଏବଂ ତାହା ସହିତ ପାଶ୍ଚାତ୍ୟ ଔଷଧ ଏବଂ ଯନ୍ତ୍ରପାତି କିଣା ଇତ୍ୟାଦିରେ ବଜେଟରେ ଏକ ସିଂହଭାଗ ଅଂଶ ଖର୍ଚ୍ଚ କରାଗଲା। ଔଷଧ କମ୍ପାନୀମାନେ ସରକାରଙ୍କ ସ୍ୱାସ୍ଥ୍ୟ ପ୍ରଶାସକମାନଙ୍କୁ ବିଭିନ୍ନ ବାଟରେ ପ୍ରଲୁବ୍ଧ କରାଇ ପାଶ୍ଚାତ୍ୟ ଚିକିତ୍ସା ବ୍ୟବସ୍ଥାକୁ ପ୍ରାଥମିକ ଚିକିତ୍ସା କେନ୍ଦ୍ରରୁ ଆରମ୍ଭ କରି ଉପର ପର୍ଯ୍ୟନ୍ତ ପୂର୍ବଠାରୁ ଅଧିକ ଶକ୍ତିଶାଳୀ କରିଦେଲେ। ତାହାପରେ ୧୯୯୦ ମସିହା ବେଳକୁ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ନେତୃତ୍ୱରେ ବିଶ୍ୱ ସ୍ୱାସ୍ଥ୍ୟନୀତିରେ ତୃତୀୟ ବିଶ୍ୱର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦାୟିତ୍ୱ ବିଶ୍ୱବ୍ୟାଙ୍କ ହାତକୁ ଚାଲିଗଲା। ସେତେବେଳକୁ ଗାଟର ଉରୁଗୁଏ ରାଉଣ୍ଡ ଆରମ୍ଭ ହୋଇଯାଇଥିଲା। ତେଣୁ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ପରି ଏକ ମହାନ୍ କାର୍ଯ୍ୟକ୍ରମର ନେତୃତ୍ୱ ନେବା ପାଇଁ ଦରଦୀ ବିଶ୍ୱବ୍ୟାଙ୍କ ଏବଂ ପୃଥିବୀର ବହୁରାଷ୍ଟ୍ରୀୟ ଔଷଧ କମ୍ପାନୀମାନେ ଆଗଭର ହୋଇଉଠିଲେ। ତୃତୀୟ ବିଶ୍ୱର ରାଷ୍ଟ୍ରମାନଙ୍କରେ ପ୍ରାଥମିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରତ୍ୟେକ ଦେଶର ମାଟି, ପାଣି, ପବନରେ ମିଳୁଥିବା ମୌଳିକ ଚିକିତ୍ସା ଦ୍ୱାରା ଦେଶଟି ସ୍ୱାବଲମ୍ବୀ ହେବାର ସ୍ୱପ୍ନ ଏହି ଉପାୟରେ ପଣ୍ଡ କରି ଦିଆଗଲା। ଆଜି ୨୦୨୨ରେ ମଧ୍ୟ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଏପରି ନିମ୍ନଗାମୀ ଓ ସ୍ୱାସ୍ଥ୍ୟ କର୍ମଚାରୀ ତଥା ଭଗବାନଙ୍କର ଦ୍ୱିତୀୟ ଅବତାର ସାଜିଥିବା ଡାକ୍ତରମାନଙ୍କର ଶୋଷଣ ଗରିବମାନଙ୍କୁ ଘରୋଇ ଚିକିତ୍ସାଳୟ ମାଧ୍ୟମରେ କିପରି ଶୋଷଣ କରୁଛନ୍ତି ତାହା ହାତେ ବୋଲି ବାଟେ ଗଡଗଡାଉଛି। ଏହା କ'ଣ ଆମ ମାନବିକ ମୂଲ୍ୟବୋଧର ସଂଜ୍ଞା?



**ଉମାଶଙ୍କର ପ୍ରସାଦ**
*ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨*

# ସରଳ ଆଦିବାସୀ ମଣିଷର ଭାଗ୍ୟ ବଦଳିବ କେବେ !

**ଶରତ କୁମାର ରାଉତ**



ଓଡ଼ିଶାର ବଣ-ପାହାଡ଼ଘେରା ଦୁର୍ଗମ ଅଂଚଳରେ ବସବାସ କରୁଥିବା ଆଦିବାସୀ ମଣିଷ ମାନେ ଦାରିଦ୍ର୍ୟର ଅନ୍ଧକାର ଭିତରୁ କେବେ ମୁକ୍ତି ପାଇବେ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମାତ୍ର କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରାଇବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ଦାବି କରୁଛନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ କେନ୍ଦ୍ର ଓ ରାଜ୍ୟ ରାଜନୀତି ସରଗରମ ହୋଇଛି। ମାତ୍ର ଏହାଦ୍ୱାରା ଗରିବ ଆଦିବାସୀ ମଣିଷର କୌଣସି ଲାଭ ହୋଇନାହିଁ। ଯୁଗ ଆରମ୍ଭରୁ ଆଦିବାସୀ ମଣିଷ ପ୍ରତି ସବୁ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଇଆସୁଛି। ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ ଦିଗରେ ମଧ୍ୟ ସରକାର ଯତ୍ନବାନ ହେଉନାହାନ୍ତି। ସ୍ୱାଧୀନତା ପରଠାରୁ ଆଦିବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବାକୁ କୌଣସି ସରକାର ଆନ୍ତରିକତାର ସହ କାର୍ଯ୍ୟ କରିନାହାନ୍ତି। ଆଦିବାସୀ ମଣିଷର ଦାରିଦ୍ର୍ୟ ଓ ଅସଚେତନତାର ମୂଳ କାରଣ ଏବଂ ତା'ର ସ୍ଥାୟୀ ସମାଧାନ ପନ୍ଥା ବାହାର କରାନଯାଇ କେବଳ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ଦ୍ୱାରା ଆଦିବାସୀ ମଣିଷର ବିକାଶ ଅସମ୍ଭବ। ୧୯୯୮ ଅଗଷ୍ଟ ୧୨ ତାରିଖରେ କାର୍ଯ୍ୟକାରୀ ହୋଇଥିବା କେବିକେ ପ୍ରକଳ୍ପ ଏବଂ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା, ପଂଚାୟତିରାଜ ବ୍ୟବସ୍ଥା, ଜିଲ୍ଲା ଯୋଜନା ବୋର୍ଡ଼, ବିଜୁ କେବିକେ ଯୋଜନା ଆଦି ଦ୍ୱାରା ଆଦିବାସୀ ପ୍ରଜା ଆଦୌ ଉପକୃତ ହୋଇପାରିନାହିଁ। ବରଂ ଯୋଜନାଗୁଡ଼ିକ ଆଦିବାସୀ ବିକାଶ ବଦଳରେ ଅଫିସର ଓ ରାଜନେତାଙ୍କ ବିକାଶ ଯୋଜନାରେ ପରିଣତ ହୋଇଛି।

ଦାରିଦ୍ର୍ୟ ଦୂରୀକରଣ ଯୋଜନା ପ୍ରହସନ ସାବ୍ୟସ୍ତ ହୋଇଛି। ଜରୁରୀକାଳୀନ ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ବିଫଳ ହୋଇଛି। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଏଠାକାର ନିତିଦିନିଆ ଘଟଣା। ଗରିବ ଆଦିବାସୀ ମଣିଷ ଅନାହାର, ଅଳ୍ପାହାର ଓ ଅର୍ଦ୍ଧାହାରରେ ଦିନ କାଟୁଛି। ହଇଜା, ଡାଇରିଆ ଓ ମ୍ୟାଲେରିଆ ଭଳି ମାରାତ୍ମକ ସଂକ୍ରାମକ ରୋଗରେ ପୋକମାଛି ଭଳି ମରୁଛି। ମା' ଓ ଶିଶୁ ମୃତ୍ୟୁ ହାର ଏଠାରେ ସର୍ବାଧିକ। ଅନାହାର ଓ ଅପପୁଷ୍ଟି ଏହାର ମୂଳ କାରଣ। ଜାତୀୟ ସ୍ତରରେ ଶିଶୁ ମୃତ୍ୟୁହାର ପ୍ରତି ୧ ହଜାରରେ ୪୦ ରହିଥିବା ବେଳେ ଓଡ଼ିଶାରେ ୫୧ ଓ କେବିକେରେ ପାଖାପାଖି ୯୦ ରହିଛି। ସଂପ୍ରତି ଦୁର୍ଗମ ଅଂଚଳରେ ହଜାର ହଜାର ଶିଶୁ ପୁଷ୍ଟିହୀନତାର ଶିକାର ହେବା ଅପେକ୍ଷାରେ ବୋଲି ବେସରକାରୀ ଭାବେ କୁହାଯାଉଛି। ସ୍ୱାସ୍ଥ୍ୟସେବା ବିକାଶ ଯୋଜନା କେବଳ ଖାତାପତ୍ରରେ ସୀମିତ ରହିଯାଇଛି। କେବିକେରେ ୮ଟି ଜିଲ୍ଲା ହସ୍ପିଟାଲ, ୧୪ଟି ଉପଖଣ୍ଡସ୍ତରୀୟ ହସ୍ପିଟାଲ, ୮୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩୦୦ଟି ପିଏଚ୍‌ସି, ୧୬୦୦ରୁ ଉର୍ଦ୍ଧ୍ୱ ଉପସ୍ୱାସ୍ଥ୍ୟ କେନ୍ଦ୍ର, ୨୨୫ଟି ସ୍ୱାସ୍ଥ୍ୟ ସେକ୍ଟର, ୧୫ଟି ଅନ୍ୟାନ୍ୟ ବଡ଼ ହସ୍ପିଟାଲ ତଥା ହୋମିଓପାଥି ଓ ଆୟୁର୍ବେଦିକ ଚିକିତ୍ସାଳୟ ତଥା ଶତାଧିକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ କାର୍ଯ୍ୟକାରୀ ସତ୍ତ୍ୱେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ କାହିଁକି? ବାସ୍ତବତା ହେଲା, ରାଜ୍ୟ ସରକାର ଆନ୍ତରିକତାର ସହ ଆଦିବାସୀ ମଣିଷମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉନାହାନ୍ତି। ବଡ଼ ବଡ଼ ଲୋକମାନେ ନିଜ ଘରେ ସ୍ୱାଦିଷ୍ଟ ଖାଦ୍ୟ ଖାଇ ଯାହା ବଳେ, ବାହାରେ ବୁଲୁଥିବା ପଶୁପକ୍ଷୀଙ୍କ ପାଖକୁ ଫିଙ୍ଗିଦେବା ଭଳି ଆମ ସ୍ୱାସ୍ଥ୍ୟ ବିଭାଗ ଆଦିବାସୀ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପ୍ରତି ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏହି ସତ୍ୟକୁ କୌଣସି ପ୍ରକାରେ ମନ୍ତ୍ରୀ, ଅଫିସରଙ୍କ ଭଳି ବଡ଼ବଡ଼ିଆମାନେ ଗ୍ରହଣ କରି ନପାରନ୍ତି। କେତୋଟି ମୁହୂର୍ତ୍ତ ପାଇଁ ସଭାସମିତିରେ ଯୋଗ ଦେଉଥିବା ବଡ଼ବଡ଼ିଆମାନେ କିପରି ଅନୁଭବ କରିପାରିବେ ଆଦିବାସୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ସେମାନଙ୍କ ଅବସ୍ଥାକୁ? ତେବେ ସ୍ୱାସ୍ଥ୍ୟ ବିଭାଗର ବେପରୁଆ ନୀତି ଓ ମନମୁଖୀ କାର୍ଯ୍ୟ ହିଁ ନିରୀହ ଆଦିବାସୀ ମଣିଷକୁ ମାରାତ୍ମକ ସଂକ୍ରାମକ ରୋଗର ଆଁ ଭିତରକୁ ଠେଲି ଦେଉଥିବା ନିଃସନ୍ଦେହରେ କୁହାଯାଇପାରେ।

ଶିକ୍ଷାର ପ୍ରସାର, ସାକ୍ଷରତା ହାର ବୃଦ୍ଧି ଓ ଜନସଚେତନତା ସୃଷ୍ଟି ପାଇଁ ପ୍ରୌଢଶିକ୍ଷା, ବାଲ୍ୟଶିକ୍ଷା, ପ୍ରାଥମିକ ଶିକ୍ଷା, ନିନାଦ, ସନ୍ଦେଶ, ନବଜ୍ୟୋତି, ସର୍ବଶିକ୍ଷା ଅଭିଯାନ ଆଦିର ବ୍ୟବସ୍ଥା ରହିଛି। ବହୁ ଆଂଚଳିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଏନ୍‌ଜିଓମାନେ ଏଠାରେ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀମାନଙ୍କୁ ସଚେତନ କରିବାର ଦାୟିତ୍ୱରେ ଅଛନ୍ତି। ସଚେତନତା ସୃଷ୍ଟିର କଥା ଯାହା କୁହାଯାଉଛି, କେବିକେରେ ଗତ ୧୯ ବର୍ଷ ଭିତରେ କେତୋଟି ଏନ୍‌ଜିଓ କେତେ ଟଙ୍କାର କାର୍ଯ୍ୟଭାର ନେଇଛନ୍ତି, ସେମାନଙ୍କ ପାଖରୁ ଜନସଚେତନତା ସୃଷ୍ଟିର ପ୍ରମାଣ କିପରି ସରକାର ପାଇଛନ୍ତି, ତାହା ଲୋକଲୋଚନକୁ ଆସିବା ଦରକାର। ଅନ୍ୟ ଏକ ସମ୍ବେଦନଶୀଳ ତଥ୍ୟ ଅନୁଯାୟୀ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ବହୁ ଭାଗ ଲାଭ ଅଣ-ଆଦିବାସୀମାନେ ମାରି ନେଉଛନ୍ତି। ୧୯୭୦-୭୧ରେ ହଜାର ହଜାର ବଂଗୀୟ ଶରଣାର୍ଥୀଙ୍କୁ ମାଲକାନାଗିରି, ରାଇଘର ଓ ଉମରକୋଟରେ ଥଇଥାନ କରାଯାଇଥିଲା। ଓଡ଼ିଶା ସରକାର ସ୍ଥାନୀୟ ଆଦିବାସୀଙ୍କ ଚାରଣ ଭୂଇଁ ଓ ଘଂଚ ଜଙ୍ଗଲ ଧ୍ୱଂସ କରି ସେମାନଙ୍କୁ ଥଇଥାନ କରିବା ସହ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଥିଲେ। ମାତ୍ର ଦୁର୍ଭାଗ୍ୟର କଥା ଯେ, ମାଛକୁଣ୍ଡ, ଚିତ୍ରକୋଣ୍ଡା, ପଂଚବଟୀ, କୋଲାବ ଓ ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନା ପ୍ରତିଷ୍ଠା ବେଳେ ବାସଚ୍ୟୁତ ସ୍ଥାନୀୟ ଆଦିବାସୀ ବାସିନ୍ଦାଙ୍କୁ ଏପର୍ଯ୍ୟନ୍ତ ଥଇଥାନ କରାଯାଇନାହିଁ। ସେମାନେ ଏବେ ମଧ୍ୟ ଜୀବନ-ଜୀବିକା ସହ ସଂଘର୍ଷ ଜାରି ରଖିଛନ୍ତି। ସମସ୍ତଙ୍କର ସବୁ ସ୍ତରର ଅତ୍ୟାଚାର ସହି ଚାଲିଛି ଆଦିବାସୀ ମଣିଷ। ଏହା ହିଁ ଆଦିବାସୀ ମଣିଷର ଭାଗ୍ୟ ଓ ଭବିଷ୍ୟତ। ଏଥିରୁ କେବେ ସେ ମୁକ୍ତି ପାଇବ, ସେ କଥା ଈଶ୍ୱରଙ୍କୁ ଜଣା। ତେବେ ଯୋଜନା କାହା ପାଇଁ? କେଉଁଠି କି ଯୋଜନା କାର୍ଯ୍ୟକାରୀ ହେଉଛି? ସରକାରଙ୍କ ପ୍ରତିନିଧିମାନେ ଦିଲ୍ଲୀ କିମ୍ବା ଭୁବନେଶ୍ୱରରେ ବସି ଆଦିବାସୀଙ୍କ ବିକାଶ ପାଇଁ କେବଳ ଯୋଜନା ତିଆରି କରିଦେଲେ, କିଛି ସୁଫଳ ମିଳିବ ନାହିଁ। ଅନୁସଂଧାନ କରାଗଲେ ଜଣାପଡ଼ିବ ଯେ, ବିଭିନ୍ନ ଆଦିବାସୀ ବିକାଶ ଯୋଜନା ଅର୍ଥ ଅଧିକାରୀ, ନେତା ଓ ସ୍ୱେଚ୍ଛାସେବୀ ସଂସ୍ଥା ମାନଙ୍କ ମଧ୍ୟରେ ଭାଗବଂଟା ହେଉଛି। ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଛି। ତଥାପି କାହିଁକି ସମାଧାନ ହୋଇପାରୁନି ଆଦିବାସୀଙ୍କ ମୌଳିକ ସମସ୍ୟା? ବିଭାଗୀୟ ମନ୍ତ୍ରୀ ଦକ୍ଷ, ପାରଙ୍ଗମ ଓ ଦୂରଦୃଷ୍ଟିସଂପନ୍ନ ହେଲେ, ଆଦିବାସୀଙ୍କ ବିକାଶ ହେବା ନିଶ୍ଚିତ। ତେବେ ବିଭାଗୀୟ ମନ୍ତ୍ରୀ ଏ ଦିଗରେ ଯତ୍ନବାନ ହେବାର ଆବଶ୍ୟକତା ରହିଛି। ନିଜ ବିଭାଗର ବିକାଶ ବା ସଂସ୍କାର ପାଇଁ ମନ୍ତ୍ରୀ ଉଦ୍ୟମ କରନ୍ତୁ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ସହିତ ଅବହେଳିତ ଆଦିବାସୀ ମଣିଷର ଭାଗ୍ୟ ଓ ଭବିଷ୍ୟତ ଯୋଡ଼ି ହୋଇ ରହିଛି। ମାତ୍ର ଆଦିବାସୀ ମଣିଷ ଓ ବିଭାଗ ଯୋଡ଼ି ହୋଇଥିବା ମନେହେଉନାହିଁ। ବିଭାଗୀୟ ମନ୍ତ୍ରୀ ବା ଲୋକପ୍ରତିନିଧିଙ୍କ ମାଧ୍ୟମରେ ଏହି ସଂଯୋଗ ଘଟିଥାଏ। ହେଲେ ମନ୍ତ୍ରୀ ବା ଲୋକପ୍ରତିନିଧିଙ୍କ ହାତରେ ଏଭଳି ଗୁରୁଦାୟିତ୍ୱ ଥିବା ପରି ମନେହେଉନାହିଁ।



ଆଦିବାସୀଙ୍କ ମୌଳିକ ସମସ୍ୟାର ସମାଧାନ ବିଭାଗୀୟ ମନ୍ତ୍ରୀଙ୍କ ଦକ୍ଷତା ଓ କର୍ତ୍ତବ୍ୟନିଷ୍ଠା ଉପରେ ନିର୍ଭର କରୁଛି। କିଛିବର୍ଷ ତଳୁ ଏହି ପଦରେ ଯେଉଁ ନେତାମାନଙ୍କୁ ଦେଖିବାକୁ ମିଳୁଛି, ସେମାନେ ସେମିତି କିଛି ଉଦ୍ୟମ କରୁଥିବା ଦେଖାଯାଉନାହିଁ। ଯେଉଁଥିପାଇଁ ଆଦିବାସୀ ବିକାଶ କାର୍ଯ୍ୟ ଆଶାନୁରୂପ ହୋଇପାରୁନାହିଁ। ଆଦିବାସୀଙ୍କ ସର୍ବାଙ୍ଗୀନ ହୁଏତ ଏଥିଯୋଗୁ ବିଭାଗୀୟ ସଚିବାଳୟ, ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ଓ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନିଜ ଢଙ୍ଗରେ ଚାଲୁଛି। ଏହି ବିଭାଗ ସକ୍ରିୟ ହୋଇ ଆଦିବାସୀଙ୍କ ମୌଳିକ ସମସ୍ୟା ସମାଧାନ କରିବ, ଏଭଳି ଆଶା କରାଯିବା ନିରର୍ଥକ ମନେହେଉଛି।

***-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮***




# ତୁଳସୀକ୍ଷେତ୍ରରେ ପହଞ୍ଚିଲା ଶ୍ରୀବଳଦେବଜୀୟୁଙ୍କ ରଥକାଠ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡାର ଆରାଧ୍ୟ ବଡଠାକୁର ରୋହିଣୀ ନନ୍ଦନ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀୟୁଙ୍କ ଚଳିତବର୍ଷ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ ଆଠଗଡ ବନଖଣ୍ଡ ଅଧିନସ୍ଥ ନରସିଂହପୁର ପୁର୍ବ ବନାଞ୍ଚଳରୁ ୪୬୭.୨୬ ସିଫ୍ଟ ଶାଳକାଠ ଗୁରୁବାର ଶ୍ରୀବଳଦେବ ଜୀୟୁଙ୍କ ବଡଦାଣ୍ଡରେ ପହଞ୍ଚିଛି । ଦେବୋ□ର ସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଏହି ଶାଳକାଠ ସଂଗ୍ରହ ନିମନ୍ତେ ଖଣ୍ଡୀୟ ବନଅଧିକାରୀ, ନରସିଂହପୁର, ଆଠଗଡର ପୁର୍ବାଞ୍ଚଳର ବନାଞ୍ଚଳ ଅଧିକାରୀ ଏବଂ ବନପାଳ ସହଯୋଗ କରିଥିଲେ । ଦେବୋ□ର ସଂସ୍ଥାର କର୍ମଚାରୀ ସୁବାଷ ଚନ୍ଦ୍ର ପରିଡା ଓ ବଳରାମ ଦାସ ନରସିଂହପୁର ବନାଞ୍ଚଳରେ ରହି ଏହି କାଠ ସଂଗ୍ରହ କରି ଏଠାରେ ପହଞ୍ଚାଇଥିଲେ ।

# ମାନସିକ ଅନଗ୍ରସର ପିଲାଙ୍କ ସହିତ ଭାବବିନିମୟ




ବାରିପଦା (ପି.ଏନ) ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧିନ ଇଣ୍ଟିଗ୍ରେଟେଡ଼ ବି.ଇଡି -ଏମ.ଇଡି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଜବେଡା , ଦାମୋଦରପୁରସ୍ଥିତ ମନୋବିକାଶ ସ୍ୱତନ୍ତ୍ର ବିଦ୍ୟାଳୟର ଅନ୍ତେବାସୀ ଥିବା ମାନସିକ ଅନଗ୍ରସର ଓ ଦିବ୍ୟାଙ୍ଗ ଛାତ୍ରୀମାନଙ୍କ ସହିତ ଏକ ସୁଖଦ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ବିଭାଗୀୟ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟର ଛାତ୍ରୀମାନଙ୍କ ସହିତ ସୁଖଦ ସମୟ ଅତିବାହିତ କରିବା ସହିତ ଭିଭିନ୍ନ ପ୍ରକାରର ଶିକ୍ଷଣୀୟ କାର୍ଯ୍ୟମାନ କରାଇଥିଲେ , ସେମାନଙ୍କର ଦିନଚର୍ଯ୍ୟା ଓ ଶିକ୍ଷା ପଦ୍ଧତି ବିଷୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ପଚାରି ବୁଝିଥିଲେ ଓ ଭିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରି ପିଲାମାନଙ୍କର ମାନରଞ୍ଜନ କରାଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମଟି ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ଼. ସମୀର କୁମାର ଲେଙ୍କା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗର ସହଯୋଗୀ ପ୍ରାଧ୍ୟାପକ ଡ଼. ରମେଶ କୁମାର ପରୁଆ ଓ ଅନ୍ୟତମ ଅଧ୍ୟାପକ ଶୁଭାଶିଷ ମହାନ୍ତ ଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିବାବେଳେ ଉକ୍ତ ବିଦ୍ୟାଳୟର ଅଧକ୍ଷା ଭଗିନୀ ରସଲିଟ ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନିଜର ଆବଶ୍ୟକୀୟ ଉପସ୍ଥିତି ପ୍ରଦାନକରି କାର୍ଯ୍ୟକ୍ରମଟିକୁ କାର୍ଯ୍ୟକାରୀ କରାଇବାରେ ସାହାଯ୍ୟ କରିଥିଲେ ।

# ଗୀତାଳି ସ୍କୁଲ୍ ଆଣ୍ଡ୍ କଲେଜ ଅଫ୍ ନର୍ସିଂ ପକ୍ଷରୁ ଆର୍ନ୍ତଜାତୀୟ ସେବିକା ଦିବସ ସହ ସ୍କୁଲର ବାର୍ଷିକ ଉତ୍ସବ ପାଳନ




ଭୁବନେଶ୍ୱର,(ପି.ଏନ): ଫ୍ଲୋରେନସ୍ ନାଇଟିଙ୍ଗଲ୍ଙ୍କ ଜନ୍ମଦିବସକୁ ସାରା ପୃଥିବୀ ଆର୍ନ୍ତଜାତୀୟ ସେବିକା ଦିବସ ରୂପେ ପାଳନ କରିଆସୁଛି । ଏହି ପରିପ୍ରେକ୍ଷୀରେ ଓଡିଶାର ରାଜଧାନୀ ଭୁବନେଶ୍ୱରର ନ୍ତଦିବ୍ୟ ଗ୍ରୁପ ଅଫ୍ ଇନ୍ଷ୍ଟିଚ୍ୟୁଟ୍ନ୍ତ ସହ ସହବନ୍ଧିତ ବହୁ ପୁରାତନ ନର୍ସିଂ ସ୍କୁଲ୍ ନ୍ତଗୀତାଳୀ ସ୍କୁଲ୍ ଆଣ୍ଡ୍ କଲେଜ ଅଫ୍ ନର୍ସିଂନ୍ତ ଏବଂ ସୁନ୍ଦରଗଡ ଜିଲ୍ଲାର ନ୍ତଦିବ୍ୟ କଲେଜ ଅଫ୍ ନର୍ସିଂନ୍ତ ଓ ନବରଙ୍ଗପୁର ଜିଲ୍ଲାର ନ୍ତମା ଭଣ୍ଡାରଘରଣୀ କଲେଜ୍ ଅଫ୍ ନର୍ସିଂନ୍ତର ମିଳିତ ଆନୁକୂଲ୍ୟରେ ଭୂବନେଶ୍ୱରସ୍ଥ ଇଡକଲ ଅଡିଟୋରିୟମ୍ଠାରେ ଆର୍ନ୍ତଜାତୀୟ ସେବିକା ଦିବସ ତଥା ଗୀତାଳୀ ସ୍କୁଲ୍ ଆଣ୍ଡ୍ କଲେଜ ଅଫ୍ ନର୍ସିଂର ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏବର୍ଷର ଆର୍ନ୍ତଜାତୀୟ ସେବିକା ଦିବସର ବାର୍ତା ହେଉଛି- ବିଶ୍ୱର ସ୍ୱାସ୍ଥ୍ୟ ଅଧିକାରକୁ ସମ୍ମାନର ସହ ସୁରକ୍ଷିତ ରଖିବା ପାଇଁ ସେବା କ୍ଷେତ୍ରରେ ଦୃଢ ମନୋନିବେଶ କରିବା । ସେବାରେ ନିଜକୁ ଉତ୍ସର୍ଗ କରିଥିବା ସମସ୍ତ ସେବିକାମାନଙ୍କ ପାଖରେ ଏହି ବାର୍ତା ପହଂଚାଇବା ଓ ସେହି ବାର୍ତାକୁ ଆଧାର କରି ସମସ୍ତ ସେବିକା ନିଜ ନିଜର କର୍ମକ୍ଷେତ୍ରରେ ଦୃଢ ମନୋବଳ ତିଆରି କରିବା ଆଜି ଦିବସ ପାଳନର ମୂଳମନ୍ତ୍ର । କଟକ ଜିଲ୍ଲା ପରିଷଦ ସଦସ୍ୟ ତଥା ଗୀତାଳୀ ସ୍କୁଲ୍ ଆଣ୍ଡ୍ କଲେଜ ଅଫ୍ ନର୍ସିଂର ପରାମର୍ଶଦାତା ଶ୍ରୀ ଆଶିଷ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ଏହି ମହୋତ୍ସବରେ ଭୂବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ ବିଧାୟକ ତଥା ପୂର୍ବତନ ସରକାରୀ ମୁଖ୍ୟ ସଚେତକ ଶ୍ରୀ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଦିବ୍ୟ ଗ୍ରୁପ ଅଫ୍ ଇନ୍ଷ୍ଟିଚ୍ୟୁଟ୍ର ଅଧ୍ୟକ୍ଷ ଶ୍ରୀ ଦିବ୍ୟଲୋଚନ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟକ୍ଷା ଶ୍ରୀମତୀ ବିଷ୍ଣୁପ୍ରିୟା ମହାନ୍ତି ଆର୍ନ୍ତଜାତୀୟ ସେବିକା ଦିବସର ବିଷୟବସ୍ତୁ, ଲକ୍ଷ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକ ପାତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଭୂବନେଶ୍ୱର(ମଧ୍ୟ)ର ମାନ୍ୟବର ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଭୂବନେଶ୍ୱର(ଉତର)ର ମାନ୍ୟବର ବିଧାୟକ ଶ୍ରୀ ସୁଶାନ୍ତ କୁମାର ରାଉତ, ବରିଷ୍ଠ ସ୍ୱାସ୍ଥ୍ୟ ଶିକ୍ଷା ଅଧିକାରୀ ଶ୍ରୀ ଉମାକାନ୍ତ ଶତପଥୀ, ପଦ୍ମଶ୍ରୀ ଦିଲ୍ଲିପ ତିର୍କୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମାନ୍ୟବର ଶ୍ରୀ ନବକିଶୋର ଦାସ ଓ ଶ୍ରୀ ଦେବୀ ରଂଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଏହି ଦିବସ ପାଳନର ମହତ୍ୱ ଉପରେ ନିଜ ନିଜର ବକ୍ତବ୍ୟମାନ ରଖିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ସଭାପତି ଆଶିଷ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧକ୍ଷ ଦିବ୍ୟଲୋଚନ ନାୟକ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଫ୍ଲୋରେନସ୍ ନାଇଟିଙ୍ଗଲ୍ଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଏଥିସହ ନର୍ସିଂ କଲେଜର ଛାତ୍ରଛାତ୍ରୀମାନେ ଭଲ ସେବିକା ହେବା ପାଇଁ ଶପଥ ନେଇଥିଲେ । ଏହି ଅବସରରେ ପ୍ରଶାନ୍ତ କୁମାର ନାୟକଙ୍କ ଦ୍ୱାରା ଅନୁଷ୍ଠାନର ସଙ୍କଳନ ମୁଖପତ୍ର ନ୍ତସାଧନାନ୍ତର ଉନ୍ମୋଚନ କରାଯାଇଥିଲା । ଏତଦ୍ ବ୍ୟତୀତ ଦୁଇଜଣ ସେବିକାଙ୍କୁ ସେମାନଙ୍କର ପ୍ରଶଂସନୀୟ ସେବାପାଇଁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା । ଏହାଛଡା ଏହି କାର୍ଯ୍ୟକ୍ରମରେ ପୁରସ୍କାର ବିତରଣ ସହ ନର୍ସିଂ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା ନାଟକ ଅଭିନୟ କରାଯାଇଥିଲା । ଶୁଭ୍ରକାନ୍ତ ନାୟକ ଓ ଅଜିତ୍ କୁମାର ସ୍ୱାଇଁ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର ଶିକ୍ଷୟିତ୍ରୀ ଗୀତାଳୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପେଶା ସାମ୍ବାଦିକ ନିଶା ଆଙ୍କରିଂ

ଫୁଲବାଣୀ(ପି.ଏନ):ପେଶାରେ ସାମ୍ବାଦିକ କିନ୍ତୁ ନିଶା ଆଙ୍କରିଂ କରିବା ।ସେ ହେଉଛନ୍ତି ଅଶୋକ ମହାନ୍ତି (ଲୁଲୁ) ।ଯେଉଁଠି ସଭା ସମିତି, ନାଚ୍ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ ସେଠି ଖୋଜା ପଡ଼ିଥାଏ ଲୁଲୁଭାଇ ଙ୍କୁ ।ଦୀର୍ଘ ୨୦ବର୍ଷ ଧରି ସାମ୍ବାଦିକତା କରିଆସୁଛନ୍ତି ଲୁଲୁ ଭାଇ ।ପ୍ରଥମେ ଅନୁପମ ଭାରତ, ତାପରେ ନୀତିଦିନ ଓ ବର୍ତ୍ତମାନ ନୈନିକ ଖବରକାଗଜ ସମାଜ ଜିଲ୍ଲା ପ୍ରତିନିଧି ଓ ବିଭିନ୍ନ ସଂଗଠନ ରେ ଉପଦେଷ୍ଟା ଅଛନ୍ତି ।ପ୍ରତିଦିନ ଫାଳଫାଳ ଖବର ସବୁ ସାମ୍ବାଦିକ ଙ୍କ ଠୁ ନିଆଁରେ ଢଙ୍ଗରେ ପ୍ରକାଶ କରି ଜିଲ୍ଲାରେ ବେଶ ପରିଚ୍ଚୟ ସୃଷ୍ଟି କରିଛନ୍ତି ।ପ୍ରାୟ ୧୦ ବର୍ଷ ହେଲା ବିଭିନ୍ନ ମଞ୍ଚ ରେ ଆଙ୍କରିଂ କରି ଦର୍ଶକ ମାନଙ୍କ ମନ କିଣି ପ୍ରିୟପାତ୍ର ହେଇପାରିଛନ୍ତି ।ଲୁଲୁ ମଞ୍ଚ କୁ ଆସିଲେ ଯୁବ ଗୋଷ୍ଠୀ ଦର୍ଶକ ବହୁତ ଆକୃଷ୍ଟ ହେଇଥାନ୍ତି ।ସମାଜ ସେବାରେ ବି ତାଙ୍କର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି ।ଜିଲ୍ଲାର ବିଭିନ୍ନ ସମସ୍ୟା ମୂଳକ ଖବର ପ୍ରକାଶ କରୁଛନ୍ତି ତେଣୁ ଜିଲ୍ଲାର ଲୋକେ ତାଙ୍କୁ ଖୋଜିଥାନ୍ତି ।ନିଜର ଆଗ୍ରହ ଓ ବ୍ୟକ୍ତିଗତ ପ୍ରଚେଷ୍ଟା, ନିଷ୍ଠା ଯୋଗୁଁ ସେ ଆଙ୍କରିଂ କ୍ଷେତ୍ରରେ ସଫଳତା ହାସଲ କରିପାରିଥିବା ଦେଖିବାକୁ ମିଳିଛି ।ବର୍ତ୍ତମାନ ନାରାୟଣୀ ଯାତ୍ରା ରେ ମଧ୍ୟ ପ୍ରତ୍ୟେକ ଦିନ ଆଙ୍କରିଂ କରୁଛନ୍ତି ।ଫୁଲବାଣୀ ପ୍ରେସ କ୍ଲବ ର ସଭାପତି ସୁନୀଲ ପଟ୍ଟନାୟକ , ଅନ୍ୟାନ୍ୟ ବରିଷ୍ଠ ସାମ୍ବାଦିକ ଓ ବରିଷ୍ଠ ଆଇନଜୀବୀ ସତ୍ୟନାରାୟଣ ବେହେରା ତାଙ୍କର ଉର୍ଣ୍ଣତତର କାମନା କରିଛନ୍ତି ।

# କୋଭିଡ୍ ଆୟୋଗ ଗଠନ କରନ୍ତୁ କେନ୍ଦ୍ର ସରକାର: ଯୁବ କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ମହାମାରୀ କୋଭିଡରେ ସାରା ବିଶ୍ୱ ପ୍ରଭାବିତ ହୋଇଥିବା ବେଳେ ଆମ ଦେଶ ମଧ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି । ମାତ୍ର ମୋଦି ସରକାର ଏ ସବୁ ଅବ୍ୟବସ୍ଥା ଓ କୋଭିଡ୍ ମୃତ୍ୟୁ ସଂଖ୍ୟା ଲୁଚାଇଛନ୍ତି । ମୋଦି ସରକାର ଆମ ଦେଶରେ କୋଭିଡ ଜନିତ ମୃତ୍ୟୁ ସଂଖ୍ୟା ୪.୮ ଲକ୍ଷ ଦର୍ଶାଇଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହା ୪୭ ଲକ୍ଷ ବୋଲି କହିଛି । ତେଣୁ ପ୍ରକୃତ କୋଭିଡ୍ ମୃତ୍ୟୁ ସଂଖ୍ୟାକୁ ସାମ୍ନାକୁ ଆଣିବା ପାଇଁ ସରକାର ସର୍ବଦଳୀୟ ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରନ୍ତୁ । ଏଥିସହ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା ।ଏକ ପ୍ରେସ୍ ବିଜ୍ଞପ୍ତିରେ ଡ. ଲେଙ୍କା କହିଛନ୍ତି କୋଭିଡ ସମୟରେ କୁଢ଼ କୁଢ଼ ମୃତ ଦେହ ଗଙ୍ଗା ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା । ଲୋକେ ଅକ୍ସିଜେନ୍ ପାଇଁ ଡହଳ ବିକଳ ହେଉଥିଲେ ।ବିଶେଷ କରି ରାଜଧାନୀ ଦିଲ୍ଲୀରେ ଯେତେବେଳେ ସଙ୍କଟ ଜନକ ପରିସ୍ଥିତି ଉପୁଜିଥିଲା । ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଶ୍ରୀନିବାସ ବିଭିଙ୍କ ନେତୃତ୍ୱରେ ସେତେବେଳେ ଯୁବ ସାଥିମାନେ ରୋଗୀଙ୍କୁ ଅକ୍ସିଜେନ୍ ଯୋଗାଣ ସହ ବିଭିନ୍ନ ସହାୟତା କରିଥିଲେ । ତାଙ୍କ ନେତୃତ୍ୱରେ ଦେଶ ଓ ଦେଶ ବାହାରର ବହୁ ସ୍ୱେଚ୍ଛାସେବୀ ସଂଗଠନ କୋଭିଡ୍ ବିରୋଧି ଲଢ଼େଇରେ ସାମିଲ ହୋଇଥିଲେ । ଏଥିପାଇଁ ସେମାନେ ଶ୍ରୀନିବାସ ବିଭିଙ୍କୁ ଅକ୍ସିଜେନ୍ ମ୍ୟାନ୍ ଆଖ୍ୟା ଦେଇଥିଲେ । ମାତ୍ର ମୋଦି ସରକାର ଯୁବ କଂଗ୍ରେସର ଏହି ସହାୟତା ଅଭିଯାନକୁ ଗ୍ରହଣ କରିପାରିନଥିଲେ ।

# ନରନାରାୟଣଙ୍କ ପୀଠରେ ଗୁରୁ ଯଜ୍ଞ ଉଦଯାପିତ

ଫୁଲନଖରା, :ସଦର ଥାନା ବ୍ରାହ୍ମଣଝରିଲୋସ୍ଥିତ ପ୍ରସିଦ୍ଧ ନରନାରାୟଣଙ୍କ ପୀଠରେ ଗତ ଅକ୍ଷୟ ତୃତୀୟାଠାରୁ ଚାଲିଥିବା ସପ୍ତଦିବସୀୟ ଗୁରୁ ଯଜ୍ଞ ଉଦଯାପିତ ହୋଇଛି । ୧୯୩୯ମସିହାଠାରୁ ହରିଗୁରୁ ଅନନ୍ତ ବାବାଙ୍କଦ୍ୱାରା ଶୁଭାରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ମହାଗୁରୁ ଯଜ୍ଞ ପଣ୍ଡିତ ବ୍ରହ୍ମାନନ୍ଦ ହୋତାଶର୍ମା । ଓ ପଣ୍ଡିତ ଦିଲୀପ କୁମାରଙ୍କଦ୍ୱାରା ସମ୍ପନ୍ନ ହୋଇଥିଲାବେଳେ ବାବା ପ୍ରଦୀପ ଉପାଧ୍ୟାୟ ଓ ବାବା ମହନ୍ତ ମହାବୀର ଦାସ ଏଥିରେ ସହଯୋଗ କରିଥିଲେ । ଏତଦ ସହିତ ନରନାରାୟଣଙ୍କ ଷୋଡ଼ଶ ଉପଚାର ପୂଜା ମଧ୍ୟ ଅଯଥାବିଧି ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ପ୍ରତ୍ୟେହ ନାମ ସଂକୀର୍ତ୍ତନ, ପ୍ରବଚନ ଓ ଭଜନ ଆଦି ପରିବେଷଣ ହୋଇଥିଲା । ପୂର୍ଣ୍ଣାହୁତି ସଂଧ୍ୟାରେ ବାଲିଜିପାଟଣା, ବ୍ରାହ୍ମଣଝରିଲୋ, କିଆପୋଖରୀ, ବଜାରସାହି, ରାୟପୁର, କୋଠାପାଟଣା, ବାଟପୁରଣ, କୁଶକଣ୍ଡା, ଫତେଗଡ଼, ଜୟରଶାସନ, କୁରାଙ୍ଗପ୍ରଧାନ ଆଦି ଅଞ୍ଚଳରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଯଜ୍ଞ ପରିଚାଳନା କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ମାନସିକ ଅନଗ୍ରସର ପିଲାଙ୍କ ସହିତ ଭାବବିନିମୟ

ବାରିପଦା, (ପି.ଏନ): ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧିନ ଇଣ୍ଟିଗ୍ରେଟେଡ଼ ବି.ଇଡି -ଏମ.ଇଡି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଜବେଡା , ଦାମୋଦରପୁରସ୍ଥିତ ମନୋବିକାଶ ସ୍ୱତନ୍ତ୍ର ବିଦ୍ୟାଳୟର ଅନ୍ତେବାସୀ ଥିବା ମାନସିକ ଅନଗ୍ରସର ଓ ଦିବ୍ୟାଙ୍ଗ ଛାତ୍ରୀମାନଙ୍କ ସହିତ ଏକ ସୁଖଦ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ବିଭାଗୀୟ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟର ଛାତ୍ରୀମାନଙ୍କ ସହିତ ସୁଖଦ ସମୟ ଅତିବାହିତ କରିବା ସହିତ ଭିଭିନ୍ନ ପ୍ରକାରର ଶିକ୍ଷଣୀୟ କାର୍ଯ୍ୟମାନ କରାଇଥିଲେ , ସେମାନଙ୍କର ଦିନଚର୍ଯ୍ୟା ଓ ଶିକ୍ଷା ପଦ୍ଧତି ବିଷୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ପଚାରି ବୁଝିଥିଲେ ଓ ଭିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରି ପିଲାମାନଙ୍କର ମାନରଞ୍ଜନ କରାଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମଟି ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ଼. ସମୀର କୁମାର ଲେଙ୍କା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗର ସହଯୋଗୀ ପ୍ରାଧ୍ୟାପକ ଡ଼. ରମେଶ କୁମାର ପରୁଆ ଓ ଅନ୍ୟତମ ଅଧ୍ୟାପକ ଶୁଭାଶିଷ ମହାନ୍ତ ଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିବାବେଳେ ଉକ୍ତ ବିଦ୍ୟାଳୟର ଅଧକ୍ଷା ଭଗିନୀ ରସଲିଟ ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନିଜର ଆବଶ୍ୟକୀୟ ଉପସ୍ଥିତି ପ୍ରଦାନକରି କାର୍ଯ୍ୟକ୍ରମଟିକୁ କାର୍ଯ୍ୟକାରୀ କରାଇବାରେ ସାହାଯ୍ୟ କରିଥିଲେ ।

# ପେଟ୍ରୋଲ, ଡିଜେଲ୍ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ବିରୋଧରେ ଛାତ୍ର କଂଗ୍ରେସର ବିକ୍ଷୋଭ




କେନ୍ଦ୍ରାପଡ଼ା,(ପି.ଏନ): ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ କଲେଜର ଶତାଧିକ କଂଗ୍ରେସ ସମର୍ଥିତ ଛାତ୍ରନେତା ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟ ବୃଦ୍ଧି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏଭଳି ଅବିଚାରିତ ଦରବୃଦ୍ଧି ବିରୋଧରେ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସେମାନଙ୍କ ଦାବି ଥିଲା ଯେ ଏଭଳି ଦରବୃଦ୍ଧି ଯୋଗୁଁ ୮୦ ଭାଗ ଲୋକ ଦୁର୍ବିସହ ଯନ୍ତ୍ରଣା ଭୋଗ କରୁଛନ୍ତି । ତେଣୁ କେନ୍ଦ୍ର ସରକାର ଏହି ୩ଟି ଅତ୍ୟାବଶ୍ୟକ ସାମଗ୍ରୀର ଦରହ୍ରାସ କରନ୍ତୁ । ଅନ୍ୟମାନଙ୍କ ମଧ୍ୟରେ ନରେଶ କୁମାର ଜେନା, ଉମେଶ ମଲ୍ଲିକ, ଶେଖ୍ ହାପିଉଦ୍ଦିନ୍, ରମେଶ ଚନ୍ଦ୍ର ଦାସ, ଉମାକାନ୍ତ ମଲ୍ଲିକ, ଅଶ୍ୱିନୀ କୁମାର ବେହେରା, ରାକେଶ ବେହେରା, ଆଦେସାମ୍ ହୋସେନ୍ ପ୍ରମୁଖ ଶତାଧିକ ଛାତ୍ରନେତା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସହକାରୀ ଜିଲ୍ଲାପାଳ ଘଟଣାସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ ।

# ଶିଶୁ ସୁରକ୍ଷା ହିତାଧିକାରୀଙ୍କ ନିମନ୍ତେ ମାନସିକ ସ୍ୱାସ୍ଥ୍ୟ ଓ ମନୋସାମାଜିକ ସହାୟତା କର୍ମଶାଳା ଆୟୋଜିତ

ଭୁବନେଶ୍ୱର, (ପି.ଏନ): ସ୍ୱେଚ୍ଛାସେବୀ ସଙ୍ଗଠନ ପିପୁଲସ୍ କଲଚରାଲ ସେଂଟର (ପିକକ), ରାଜ୍ୟ ଶିଶୁ ସୁରକ୍ଷା ସମିତି (ଓଏସପିସି) ଓ ରାଜ୍ୟ ଶିଶୁ ସୁରକ୍ଷା ୟୁନିଟ୍ ର ସହାୟତାରେ ଏବଂ ୟୁନିସେଫ୍ ର ସହାୟତାରେ ଶିଶୁ ସୁରକ୍ଷା ହିତାଧିକାରୀଙ୍କ ନିମନ୍ତେ ମାନସିକ ସ୍ୱାସ୍ଥ୍ୟ ଓ ମନୋସାମାଜିକ ସହାୟତା ଜିଲ୍ଲା ସ୍ତରୀୟ କର୍ମଶାଳା ଖୋର୍ଦ୍ଧା ଠାରେ ଆୟୋଜିତ ହୋଇଥିଲା । ଏହି କର୍ମଶାଳା ରେ ଶିଶୁ ମଙ୍ଗଳ ସମିତି ର ସଦସ୍ୟ, ଜେଜେବି ର ସଦସ୍ୟ, ଖୋର୍ଦ୍ଧା ଜିଲ୍ଲା ଡିସିପିୟୁ ର ସଦସ୍ୟ, ସିସିଆଇ ର କାଉନସିଲର, ଅଙ୍ଗନବାଡୀ କର୍ମୀ, ସିଆରସିସି, ବିଆରସିସି ଓ ଏନଜିଓ ର ସଦସ୍ୟ ମାନେ ଅଂଶଗ୍ରହଣ ନେଇଥିଲେ । ଏହି କର୍ମଶାଳା ର ଆରମ୍ଭ ପ୍ରଦୀପ ପ୍ରଜ୍ୱଳନ କରି କରାଯାଇଥିଲା । ପ୍ରଥମେ ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ୱାଗତ ଭାଷଣ ଦେଇ ଏହି କର୍ମଶାଳା ର ଉଦ୍ଦେଶ୍ୟ ସମ୍ପର୍କ ରେ ସମସ୍ତ ଙ୍କୁ ଅବଗତ କରାଇଥିଲେ । ସେ ଆହୁରି ମଧ୍ୟ ଶିଶୁ ସୁରକ୍ଷା ପାଇଁ କାର୍ଯ୍ୟରତ ସମ୍ପର୍କ ହେଲ୍ପଡେସ୍କ ସମ୍ପର୍କ ରେ ସମସ୍ତଙ୍କୁ ସୁଚନା ପ୍ରଦାନକରିଥିଲେ । ଏହି କର୍ମଶାଳା ରେ ଯୋଗଦେଇ ଖୋର୍ଦ୍ଧା ଜିଲ୍ଲାର ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ବାଣୀଶ୍ରୀ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ ଯେ ଏହି ପ୍ରକାରର କର୍ମଶାଳା ହିତାଧିକାରୀ ମାନଙ୍କୁ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା କୁ ମୁକାବିଲା କରିବା ଓ ମନୋସାମାଜିକ ସହାୟତା ପ୍ରଦାନ ନିମଂତେ ସହାୟତା ପ୍ରଦାନ କରିବ । ୟୁନିସେଫ ର ମେହେଦିଆ ରିଚ୍ଛିମ ବିଭିନ୍ନ ପଦ୍ଧତି ମାଧ୍ୟମରେ ଏହି କର୍ମଶାଳା ର ପରିଚାଳନା କରିଥିଲେ ।ଏହି କର୍ମଶାଳାରେ ବିଭିନ୍ନ ବିଷୟ ରେ ତାଲିମ ଦିଆଯାଇଥିଲା ଯଥା ଶିଶୁ ସୁରକ୍ଷା: ଅର୍ଥ ଓ ବର୍ତ୍ତମାନ ସରଂଚନା, ଶିଶୁ ମାନଙ୍କ ସହିତ ଯୋଗାଯୋଗ ର ଦକ୍ଷତା, ସାଧାରଣ ମାନସିକ ସମସ୍ୟା ଏବଂ ସମ୍ପର୍କ ହେଲ୍ପ ଡେସ୍କ ସହିତ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଗାଯୋଗ, ମାନସିକ ସ୍ୱାସ୍ଥ୍ୟ ଓ ମନୋସାମାଜିକ ସହାୟତା ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ଭବିଷ୍ୟତର କର୍ମପନ୍ଥା ନିର୍ଦ୍ଧାରଣ ଓ କଠିନ ପରିସ୍ଥିତିରେ ପିଲାମାନଙ୍କ ମନୋସାମାଜିକ ସ୍ଥିତି ର ମୁଲ୍ୟାଙ୍କନ । ଏହି କର୍ମଶାଳା ରେ ଅଂଶଗ୍ରହଣକାରୀ ମାନେ ମଧ୍ୟ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ବଂଧୀୟ ଅଭିଜ୍ଞତା କୁ ବର୍ଣ୍ଣନା କରିବା ସହିତ ମାନସିକ ସ୍ୱାସ୍ଥ୍ୟ ଓ ମନୋସାମାଜିକ ସହାୟତା ନିମନ୍ତେ ଭବିଷ୍ୟତର କର୍ମପନ୍ଥା ନିର୍ଦ୍ଧାରଣ କରିଥିଲେ ।

# କଂଗ୍ରେସ ଭବନରେ ସେବାଦଳର ପ୍ରତିଷ୍ଠାତା ଡଃ ହାର୍ଡିକରଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ହିନ୍ଦୁସ୍ତାନୀ ସେବାଦଳ ଓ ଭାରତ ସେବାଦଳର ପ୍ରତିଷ୍ଠାତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଡ଼ାକ୍ତର ନାରାୟଣ ସୁବାରାଓ ହାର୍ଡିକରଙ୍କ ୧୩୪ତମ ଜନ୍ମୋତ୍ସବ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି ।ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଦେଶ କଂଗ୍ରେସ ସେବାଦଳର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଲେ ଯେ, ଭାରତବର୍ଷର ଅଗଣିତ ସହିଦ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ତ୍ୟାଗ ବଳରେ ମିଳିଥିବା ସ୍ୱାଧୀନତାକୁ ଆମେ ଉପଭୋଗ କରୁଛେ । କିନ୍ତୁ ଆଜିର ଯୁବପିଢ଼ି ସେହି ମହାନାୟକମାନଙ୍କ ପ୍ରତି ସମ୍ମାନ ଜଣାଇବା ପାଇଁ ଭୁଲିଯାଉଛନ୍ତି ।

# ଠାକୁରପଡା ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ



ହରିଚନ୍ଦନପୁର(ପିଏନ): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଠାକୁରପଡା ଗ୍ରାମ ପଂଚାୟତରେ ସରପଂଚ ବିଜେନ୍ଦ୍ର ନାଏକ, ସମିତିସଭ୍ୟ ତ୍ରିଲୋଚନ ମହାନ୍ତ, ଜିଆରଏସ୍ ଦାଶରଥି ନାଏକ ଏବଂ ସମସ୍ତ ୱାର୍ଡମେମ୍ବରଙ୍କ ଉପସ୍ଥିତିରେ କରୋନା କଟକଣାର ନିୟମକୁ ମାନି ସର୍ବମୋଟ୍ ୧୦୪ଟି କାର୍ଯ୍ୟାଦେଶ ମଧ୍ୟରୁ ୨୦ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି । ରହି ଯାଇଥିବା ଅନ୍ୟ କାର୍ଯ୍ୟାଦେଶ ଗୁଡିକ ପ୍ରତ୍ୟେକ ୱାର୍ଡମେମ୍ବରଙ୍କ ଦ୍ୱାରା ବଣ୍ଟନ କରାଯିବ ବୋଲି ସରପଂଚ ଏବଂ ସମିତିସଭ୍ୟ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପଂଚାୟତବାସୀ ଅତ୍ୟନ୍ତ ପ୍ରଶଂସନୀୟ କାର୍ଯ୍ୟ ବୋଲି ପ୍ରକାଶ କରିଛନ୍ତି ।

# ଅକ୍ଷୟ ଶକ୍ତି ଉତ୍ସ ଯୋଗୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବା ସମ୍ଭାବନା

ଭୁବନେଶ୍ୱର,(ପିଏନ): ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ଭାରତ ବେଶ୍ ଅଗ୍ରଗତି କରିବାରେ ଲାଗିଛି । ୨୦୧୦ ଜୁନ୍‌ରେ ଦେଶର ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ୧୭.୫ ଗିଗାୱାଟ୍ ଥିବାବେଳେ ୧୦ ବର୍ଷ ପରେ ଏବେ ଏହା ୬୫ ଗିଗାୱାଟ୍‌ରେ ପହଂଚିଛି । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇବାରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବୋଝ କମ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଦେଶରେ କୋଇଲା ଏବଂ ତରଳ ହାଇଡ୍ରୋକାର୍ବନ ଉପରେ ନିର୍ଭରଶୀଳତା କମାଇବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି । ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଆଇଇଏ) ଅନୁସାରେ ସମ୍ପ୍ରତି ବିଶ୍ୱସ୍ତରରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ମୋଟ ଶକ୍ତି ଉତ୍ସର ୨୬ ପ୍ରତିଶତ ରହିଛି । ୨୦୨୪ ସୁଦ୍ଧା ଏହା ୩୦ ପ୍ରତିଶତକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ବୃଦ୍ଧି ପାଇଲେ ଏହାର ସିଧାସଳଖ ସକାରାତ୍ମକ ପ୍ରଭାବ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପଡ଼ିବ । ଦୀର୍ଘ ୧୦ ବର୍ଷ ଧରି ଉପଭୋକ୍ତାଙ୍କ ବଢୁଥିବା ବିଦ୍ୟୁତ୍ ବୋଝ ହ୍ରାସ ପାଇବାର ଆଶା ରହିଛି । ଏବେ ନୂଆ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଉତ୍ସ ପ୍ରତି ଧୀରେଧୀରେ ପ୍ରତିଟି କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହୋଇଛି । ୨୦୧୮-୧୯ରେ ଅକ୍ଷୟ ଶକ୍ତି ଉତ୍ସ ଭାରତରେ ଗ୍ରୀଡ୍ ଅନୁରୂପତା ମାନ୍ୟତା ହାସଲ କରିବାକୁ ସକ୍ଷମ ହୋଇଥିଲା । ଫଳରେ ଗତ ୧୦ ବର୍ଷ ଧରି ଅକ୍ଷୟ ଶକ୍ତି ଉତ୍ସର ଦାମ କମିବାରେ ଲାଗିଛି । ସମ୍ପ୍ରତି ବିକଳ୍ପ ଶକ୍ତି କ୍ଷେତ୍ରରେ ଡିସକମ୍, କ୍ୟାପ୍ ?ଯିଭ୍ ପାୱାର ପ୍ଲାଂଟ୍‌ର ଆବଶ୍ୟକତା ରହିଛି । ଏହା ଦ୍ୱାରା ସବୁଜ ବିଦ୍ୟୁତ୍ ଶକ୍ତି ଉତ୍ସର ଅକ୍ଷୟ ଶକ୍ତି ସାର୍ଟିଫିକେଟ(ଆରଇସି) କିଣାଯାଇ ପାରୁଛି । ଯାହାଦ୍ୱାରା ରେନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆରପିଓ) ସମ୍ପନ୍ନ ହୋଇପାରୁଛି । ଆରଇସି ଏକ ମାର୍କେଟ୍ ବେସଡ୍ ଇନଷ୍ଟ୍ରୁମେଂଟ୍ ଯାହାକି ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଛି । ଯାହାଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ । ଫଳରେ କ୍ୟାପ୍ଟିଭ୍ ପାୱାର ପ୍ଲାଂଟ୍ ଏବଂ ଡିସକମ୍ ଆଦି ରେନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆରପିଓ) ଅନ୍ତର୍ଗତ ଅକ୍ଷୟ ଶକ୍ତି ଉତ୍ସ ନ ଥିବା ଅବା ୨୭୦ ଦିନର ସୂର୍ଯ୍ୟାଲୋକ ପଡୁଥିବା ଅଂଚଳ କିମ୍ବା ଉପକୂଳ ଅଂଚଳରେ ମେଘୁଆ ପାଗ ସତ୍ତ୍ୱେ ବିଦ୍ୟୁତ୍ ଉପଲବ୍ଧ ସମ୍ଭବ ହୋଇପାରିବ । ରିନେୱେବୁଲ୍ ପାୱାର ପର୍ଚେସ୍ ଓବ୍ଲିଗେଶନ (ଆରପିଓ) ଦ୍ୱାରା ଅକ୍ଷୟ ଶକ୍ତି ଉତ୍ସର ବିକାଶ ସମ୍ଭବ ହୋଇପାରିବ । ସୋଲାର ଆରଇସି ଦାମ ୟୁନିଟ୍ ପିଛା ୨.୨୫ ଟଙ୍କା ଥିବାବେଳେ ସୋଲା ପାୱାର ଯାହାକି ପାୱାର ସହିତ ଆରଇସି ସାର୍ଟିଫିକେଟ ଯୁକ୍ତ, ତାହାର ଦାମ ୨୦୧୭-୧୮ ଆର୍ଥିକ ବର୍ଷରେ ହାରାହାରି କିଲୋୱାଟ୍‌ଘଂଟା ପ୍ରତି ୨.୫୦ଟଙ୍କାରେ ନିଲାମ କରାଯାଇଛି । ଏସମ୍ପର୍କରେ ରେଗୁଲେଟାରୀ ଏକ୍ସପର୍ଟ ଏବଂ କନସଲଟାଂଟ୍ ମନିଶ୍ ଗର୍ଗ କୁହନ୍ତି, ଭାରତରେ ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ବଢ଼ିଲେ ଏହାର ପରୋକ୍ଷ ପ୍ରଭାବ ଉପଭୋକ୍ତାଙ୍କ ଉପରେ ହିଁ ପଡ଼ିବ । ସେମାନେ ବିଦ୍ୟୁତ୍ ପାଇଁ ପୈଠ କରୁଥିବା ଅଧିକ ଦାମ କମିଯିବାର ଆଶା ରହିବ । ଅକ୍ଷୟ ଶକ୍ତି ଉତ୍ସର ଉତ୍ପାଦନ ମୂଲ୍ୟ କମିଲେ ଉପଭୋକ୍ତାମାନେ ବେଶ୍ ଉପକୃତ ହୋଇ ପାରିବେ । ଏହାଦ୍ୱାରା ନିବେଶକ ଏବଂ ଉପଭୋକ୍ତା ଲାଭାନ୍ୱିତ ହୋଇପାରିବେ । ଉପଭୋକ୍ତାଙ୍କ ଅନାବଶ୍ୟକ ଖର୍ଚ୍ଚ କମିଯିବାର ସମ୍ଭାବନା ରହିବ । ଆର୍‌ଇସିର ସଂଶୋଧନ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଳମ୍ବ ହେଲେ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝ ବଢ଼ିଯିବ ।




# ଓଡିଆ ସାହିତ୍ୟରେ ରହସ୍ୟ ଉପନ୍ୟାସ



ବିଶ୍ୱର ପାଠକମାନଙ୍କ ମଧ୍ୟରେ ଆଗଥା କ୍ରିଷ୍ଟଙ୍କ ରହସ୍ୟ ଉପନ୍ୟାସ,ସାର ଆର୍ଥର କୋନାନ ଦୟଲଙ୍କ ସେରଲକ ହୋଲମସ ସଂପର୍କିତ ଗଳ୍ପ ଓ ହାରି ପୋର୍ଟର ଭଳି ଭୌତିକ ଉପନ୍ୟାସର ବେଶ ଆଦର ରହିଛି । ଯେ କୌଣସି ପୁସ୍ତକ ଦୋକାନରେ ଏହି ଜାତୀୟ ପୁସ୍ତକ ବହୁଳ ସଂଖ୍ୟାରେ ବିକ୍ରୟ ପାଇଁ ଗଛିତ ଥାଏ । ଓଡିଶାରେ ମଧ୍ୟ ରହସ୍ୟ ଉପନ୍ୟାସର ଆଦର ୫୦ବର୍ଷ ତଳେ ଅସମ୍ଭବ ଭାବେ ଅଧିକ ଥିଲା । ହାଇସ୍କୁଲ ଓ କଲେଜ ପଢୁଆ ପିଲାଙ୍କ ମଧ୍ୟରେ ବିଭିନ୍ନ ଡିଟେକଟିଭ ପୁସ୍ତକର ବଡ ଚାହିଦା ଥିଲା । ସେସବୁର ଲୋକ ପ୍ରିୟତାକୁ ଆଖି ଆଗରେ ରଖି ସିରିଜ ମାନ ଲେଖା ଯାଇଥିଲା । ସେଗୁଡିକ ମଧ୍ୟରୁ ଦସ୍ୟୁ ରବିନ ସିରିଜ, ମିରା ସିରିଜ, ତ୍ରିପୁର ସୁନ୍ଦରୀ, ମନମୋହିନୀ ସିରିଜ ପ୍ରଧାନ । ଚମ୍ବଲ ଉପତ୍ୟକାର ଡାକୁ ସମ୍ରାଟ ମାନସିଂ, ଦସ୍ୟୁରାଣୀ ଫୁଲନକୁ ନେଇ ଅନେକ ଉପନ୍ୟାସ ଲେଖା ହୋଇଥିଲା । ଭାବାନୀ ବାବୁ ଡିଟେକଟିଭଙ୍କ ନାମ ଏବେ ବି ମନେ ଅଛି। କଣ୍ଟୁରି ଚରଣ ଦାସ, ଗିରିଧାରୀ ମହାରଣା, ଭୂପେନ ଗୋସ୍ୱାମିଙ୍କ ଭଳି ଲେଖକମାନେ ବେଶ ପାଠକଙ୍କ ପ୍ରିୟ ଥିଲେ । ସେତେବେଳେ ଗାଁର ପାଠାଗାରମାନଙ୍କରେ ଏସବୁ ବହି ମିଳୁଥିଲା । ପରବର୍ତ୍ତି ସମୟରେ କେତେକ ଲେଖକ ନିଜକୁ ରହସ୍ୟ ସମ୍ରାଟ,ରହସ୍ୟ କୁମାର ଛଦ୍ମ ନାମରେ ଡିଟେକଟିଭ ବହିମାନ ଲେଖିଲେ । ମାସିକ ଚକ୍ରାନ୍ତ, ମାସିକ ଡିଟେକଟିଭ, ସତ୍ୟ ଅପରାଧ ଘଟଣା ଭଳି ମାସିକ ପତ୍ରିକାମାନ ବଜାରରେ ମିଳିଲା । ବିଶେଷତଃ ବସଷ୍ଟାଣ୍ଡମାନଙ୍କରେ ଯାତ୍ରୀମାନଙ୍କ ହାତରେ ନିଶ୍ଚୟ ଏ ଧରଣର ପତ୍ରିକା ଦେଖିବାକୁ ମିଳୁଥିଲା । ସେତେବେଳେ କେତେକ ଔପନ୍ୟାସିକ ଗାଁ ଗହଳର ଅଳ୍ପ ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ଉପନ୍ୟାସମାନ ଲେଖୁଥିଲେ । ଏଗୁଡିକ କଲିକତାରୁ ପ୍ରକାଶ ପାଉଥିଲା । ଭାଗିରଥି ଦାସ ସେମାନଙ୍କ ମଧ୍ୟରେ ପ୍ରଧାନ । ଅଳ୍ପ ଶିକ୍ଷିତ ଗ୍ରାମ୍ୟ ବାଳିକା ସେଗୁଡିକୁ ପଢି ସଂସାର, ପ୍ରେମ, ଘରକରଣା ବିଷୟରେ ଜାଣୁଥିଲା । ବିଦେଶରେ ଥିବା ସ୍ୱାମୀଙ୍କ ପାଖକୁ ଚିଠି ଦେଉଥିଲା । ବିବାହ ବେଳେ ସାଙ୍ଗରେ ବାକ୍ସ ଭର୍ତ୍ତି ବହି ଯାଉଥିଲା । ସେହିଭଳି ପରିବାରଠାରୁ ବିଛିନ୍ନ ହୋଇ କଲିକତାର ଲକ୍ଷ ଲକ୍ଷ ଓଡିଆ ଶ୍ରମିକ ମାନଙ୍କ ପାଇଁ ଏହି ବହି ସବୁ ଅତ୍ୟନ୍ତ ପ୍ରିୟ ଥିଲା । ଲୋକେ ଜାନିଯାତ୍ରାକୁ ଗଲେ ଏ ସବୁ ବହିରୁ ନିଶ୍ଚୟ ଗୋଟେ କିଣୁଥିଲେ । କାଳକ୍ରମେ ଏ ସବୁ ପୁସ୍ତକର ଲେଖିବା କମିଗଲା । କାରଣ ଏ ଧରଣର ପୁସ୍ତକକୁ ଆମର ସାହିତ୍ୟର ବଡପଣ୍ଡାମାନେ ଶସ୍ତା ସାହିତ୍ୟ ବୋଲି ଭାବିଲେ । ସେମାନଙ୍କର ଭୁଲ ହେଲା ଅତ୍ୟନ୍ତ ସରଳ ଭାବରେ ତାହା ଲେଖା ଥିଲା । କଳ୍ପନା ଅପେକ୍ଷା ବାସ୍ତବତାକୁ ଅଗ୍ରାଧିକାର ଦିଆଯାଉଥିଲା । ଏସବୁ ସାହିତ୍ୟ ଲେଖିଲେ ସମ୍ବର୍ଦ୍ଧନା ବା ମାନପତ୍ର ମିଳିବ ନାହିଁ । ସଭାରେ ଶସ୍ତା ଉପନ୍ୟାସର ଲେଖକ ବୋଲି ଉପହସିତ ହେବେ । ତେଣୁ ଲେଖକମାନେ ଏଭଳି ପ୍ରକାର ବହି ଲେଖିବା ଛାଡିଦେଲେ ଓ ସମ୍ଭ୍ରାନ୍ତ ସାହିତ୍ୟର ସଭ୍ୟ ହୋଇଗଲେ । ଯେଉଁ ସାହିତ୍ୟକୁ ସାଧାରଣ ଲୋକ ଦୁର୍ବୋଧ, ଅବୋଧ, ନିର୍ବୋଧ ବୋଲି ଷ୍ଟାମ୍ପ ବହୁ ଦିନରୁ ମାରିସାରିଛି । ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇ ସାହିତ୍ୟ ସଭା, କବିତା ପାଠୋତ୍ସବ, ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ନିଜକୁ ସୀମିତ ରଖିଛି । ଓଡିଆ ଭାଷାର ଅନେକ ଲୋକପ୍ରିୟ ପତ୍ରିକା ସୁଚରିତା, ଜହ୍ନମାମୁଁ, ପୌରୁଷ ପ୍ରାୟ ଲୋପ ହେବାକୁ ବସିଲାଣି, କାରଣ ଏଥିପାଇଁ ମନକୁ ଛୁଇଁଲା ଭଳି ଲେଖା ଆସୁନାହିଁ । ନିଜ ସଂଚିତ ଅର୍ଥରେ ବହି ଛପାଇ ମାଗଣାରେ ବାଣ୍ଟିବା ହିଁ ଆଜିର ସାହିତ୍ୟ । ସାହିତ୍ୟ ସଭାରୁ ଫେରିଲା ପରେ ବ୍ୟାଗରେ ଗୋଛାଏ ବହି ଦେଖି, ଘରଣୀଙ୍କ ଭୀମ ଗର୍ଜନ, "ସେ ବାଜେ ବହି ରଖିବାକୁ ଘରେ ଯାଗା ନାହିଁ, ତୁମ ଜିନିଷ କୋଉଠି ସାଇତି ରଖ; ନଇଲେ ରଦି କାଗଜବାଲାକୁ ସବୁ ଦେଇଦେବି !" ଏହା ହିଁ ସମ୍ଭ୍ରାନ୍ତ ସାହିତ୍ୟର ଅବସ୍ଥା ।

**ଡାଃ ସୁରେନ୍ଦ୍ର ନାଥ ଦାଶ**, ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ମୋ:୯୪୩୭୨୩୫୩୮୬

## ଶୈଳଜା ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବ



ଯାଜପୁର (ପିଏନ୍)- ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ସ୍ୱର୍ଗତଃ ଶୈଳଜା ପଣ୍ଡାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ତାଙ୍କର କିଆରିସୋରସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତଃ ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହିତ ତାଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସଙ୍ଗେ ସଙ୍ଗେ ଧୂପ, ଦୀପ ପ୍ରଜ୍ୱଳନ କରାଯାଇଥିଲା । ପଣ୍ଡିତ ହୃଷିକେଶ ପତି ଗୀତାପାଠ କରିଥିଲେ । ଯାଜପୁରର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ପିସିସି ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ଜିଲ୍ଲା କଂଗ୍ରେସ ଉପସଭାପତି ବିଭୂତି ଭୂଷଣ ମହାପାତ୍ର, ପ୍ରମେୟର ଏ.ଜି.ଏମ୍. ପୂର୍ଣ୍ଣଚନ୍ଦ୍ର ଦେଓ, ଅତିରିକ୍ତ ଜିଲ୍ଲାପାଳ ମିହିର ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଟିପିଏନଓଡିଏଲ୍ ର ଏସ୍.ଡି.ଓ ସୁଦୀପ୍ତ କୁମାର ବିଶ୍ୱାଳ, ଅଭୟ କୁମାର ପଣ୍ଡା, ମନୋଜ କୁମାର ପଣ୍ଡା, ସୁବାସ କୁମାର ପଣ୍ଡା, ସୌରଭ ପଣ୍ଡା, ଗୌରବ ପଣ୍ଡା, ଅକ୍ଷୟ ପଣ୍ଡା, ସୁଧାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ହୋଇ ସ୍ମୃତିଚାରଣ କରିଥିଲେ ।

### ୨୬ଟି ୱାର୍ଡକୁ ଗୋଟିଏ ପିଇଓ

## ଉନ୍ନୟନମୂଳକ କାର୍ଯ୍ୟକୁ ଦିଗହରା କରିବାକୁ ଷଡ଼ଯନ୍ତ୍ର

ଭୁବନେଶ୍ୱର (ପିଏନ୍): ଗତ ୪ ମେ' ୨୦୨୨ ଦିନ ଭୁବନେଶ୍ୱର ବିଡିଓ ତାଙ୍କର ବଦଳି ଆଦେଶ ସଂଖ୍ୟା ୨୧୦୯ରେ ୧୪ ଜଣ ପିଇଓଙ୍କୁ ବଦଳି କରିଥିଲେ, ତା ମଧ୍ୟରୁ ସିରିୟଲ ନଂ ୧୪ରେ ଥିବା ପିଇଓଙ୍କୁ ଶିଶୁପାଳଗଡ ଓ ଲିଙ୍ଗିପୁର ଦାୟିତ୍ୱ ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶିଶୁପାଳ ଓ ଲିଙ୍ଗିପୁର ଗ୍ରାମପଂଚାୟତର ମୋଟ ୧୩ଟି ଲେଖାଏଁ ୱାର୍ଡ ରହିଛି। ସମୁଦାୟ ୨୬ଟି ୱାର୍ଡକୁ କେଉଁ ଭାବରେ ବିଡିଓ ମହାଶୟ ଗୋଟିଏ ପିଇଓଙ୍କୁ ତରବରିଆ ଭାବରେ ଦାୟିତ୍ୱ ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଲିଙ୍ଗିପୁର ଗ୍ରାମ ପଂଚାୟତ କ'ଣ ସରକାରଙ୍କର ସାବତ ପୁଅ କି? ରାଜ୍ୟ ସରକାର ପଂଚାୟତସ୍ତରକୁ ସୁଦୃଢ କରିବା ପାଇଁ ପଂଚାୟତରେ ସବୁ ସୁବିଧାସୁଯୋଗ ଦେବା ପାଇଁ ଆପ୍ରାଣ ଉଦ୍ୟମ କରୁଥିବାବେଳେ ଗୋଟିଏ ପିଇଓଙ୍କୁ ୨ଟି ଦାୟିତ୍ୱ ଦେଇ ବିଡିଓ ମହାଶୟ କ'ଣ ପ୍ରମାଣ କରିବାକୁ ଚାହୁଁଛନ୍ତି ସେ ନିଜେ ଜାଣିଥିବେ। ଗ୍ରାମପଂଚାୟତରେ ଆସୁଥିବା ବିଭିନ୍ନ ୱାର୍ଡର ସମସ୍ୟା ଯେଉଁଭଳି ଭାବେ ସମାଧାନ ହୋଇପାରିବ ସେଥିପ୍ରତି ବୋଧହୁଏ ବିଡିଓ ମହାଶୟଙ୍କର ଭୃକ୍ଷେପ ନାହିଁ। ରାସନ୍ କାର୍ଡଠୁ ଆରମ୍ଭ କରି ଭତା ବଂଟନ, ପାନୀୟ ଜଳ, ରାସନ ସାମଗ୍ରୀ, ପ୍ରତି ୱାର୍ଡର ମାସିକିଆ ବୈଠକର ବିବରଣୀ ରଖିବା ଏବଂ ତାଙ୍କର ସମସ୍ୟା ସମାଧାନକୁ ନେଇ ସଂରପଚ ଏବଂ ବ୍ଲକ କାର୍ଯ୍ୟାଳୟକୁ ପଂଚାଇବା ଇତ୍ୟାଦି ତାଙ୍କର ମୁଖ୍ୟ କାର୍ଯ୍ୟ। ଏଠାରେ ଗୋଟିଏ ଉଲ୍ଲେଖନୀୟ ଘଟଣା ସାଧାରଣ ପ୍ରଶାସନ ବିଭାଗର ଆଦେଶ ସଂଖ୍ୟା 11818/SCS, ଏପ୍ରିଲ ୩୦ରେ ବିଡିଓଙ୍କ ବଦଳି ଆଦେଶ, କିନ୍ତୁ ଆଶ୍ଚର୍ଯ୍ୟର କଥା ସେହିଦିନ (PEO) ପଂଚାୟତ ଏକ୍ଯୁଜିକ୍ୟୁଟିଭ ଅଫିସରଙ୍କ ବଦଳିର ଆଦେଶ କରାଯାଇଛି। କି ସଂଯୋଗ କ'ଣ ଉଦ୍ଦେଶ୍ୟ? କାହା ସ୍ୱାର୍ଥରେ ପିଇଓମାନଙ୍କ ବଦଳି ଏକାଦିନେ। ଏହି ବଦଳି ଆଦେଶ ତା୦୪.୦୫.୨୨ରିଖରେ ସମସ୍ତ ପିଇଓଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଏବଂ ସେଥିରେ ନିର୍ଦ୍ଦେଶ ଦିଆଯାଇଛି, ତିନି ଦିନ ଭିତରେ ଦାୟିତ୍ୱ ହସ୍ତାନ୍ତର କରି ନୂତନ ଭାବେ ବଦଳି ହୋଇଥିବା ଯାଗାରେ ଯୋଗଦାନ କରିବେ। ଏଣୁ ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ବଦଳି ତାଲିକାକୁ କ୍ୟାନ୍‌ସଲ୍ କରିବାକୁ ସବୁ ସ୍ତରରୁ ଦାବୀ ହେଉଛି। ଏବଂ କେଉଁ ପରିସ୍ଥିତିରେ ଏକାଦିନେ ଆଦେଶ ବାହାରିଲା ତାହା ମଧ ତଦନ୍ତସାପେକ୍ଷ। ବାତ୍ୟା ଆସୁଥିବା ସମ୍ଭାବନାକୁ ଦୃଷ୍ଟିରେ ରଖି ସମସ୍ତ ବଦଳି ଆଦେଶକୁ ସ୍ଥଗିତ ରଖାଯାଇଛି। ଏଣୁ ଏହି କ୍ଷେତ୍ରରେ ତାହା ମଧ ପ୍ରଯୁଜ୍ୟ କରାଯାଉ। ଭୁବନେଶ୍ୱର ବିଡିଓଙ୍କୁ ହ୍ୱାଟସ୍‌ଆପ୍ ଦ୍ୱାରା ଏହି ନିର୍ଦ୍ଦେଶ ପରେ ପ୍ରତିକ୍ରିୟା ପାଇଁ ଆମ ପ୍ରତିନିଧି ଜାଣିବାକୁ ଚାହିଁଥିଲେ ମଧ୍ୟ ବିଡିଓ ମହାଶୟ ନୀରବ।

## ପଦ୍ମଶ୍ରୀ ରଜତ କୁମାର କରଙ୍କ ବିୟୋଗରେ ଆରଏସ୍‌ଏସ୍‌ର ଶୋକ

ଭୁବନେଶ୍ୱର (ପିଏନ୍): ପଦ୍ମଶ୍ରୀ ରଜତ କୁମାର କରଙ୍କର ଦେହାବସାନ ଖବର ପାଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତା ଓ ସ୍ୱୟଂସେବକମାନେ ଅତ୍ୟନ୍ତ ମର୍ମାହତ । ତାଙ୍କର ତିରୋଧାନରେ ଦେଶ ତଥା ସାହିତ୍ୟ ଜଗତର ଏକ ଅପୂରଣୀୟ କ୍ଷତି ହେଲା ବୋଲି ସଂଘର ଓଡିଶା ପୂର୍ବପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ଓ ପୂର୍ବକ୍ଷେତ୍ର କାର୍ଯ୍ୟବାହ ଡ. ଗୋପାଳ ପ୍ରସାଦ ମହାପାତ୍ର ତାଙ୍କ ଶୋକବାର୍ତ୍ତାରେ ଏହା ପ୍ରକାଶ କରିଛନ୍ତି । ସ୍ୱର୍ଗତଃ କର ଓଡିଶା ରାଜ୍ୟ ତଥା ଦେଶର ଜଣେ ମହାନ୍ ସାରସ୍ୱତ ସାଧକ ଥିଲେ । ସାହିତ୍ୟ ଜଗତ ପ୍ରତି ତାଙ୍କର ଅବଦାନ ଅତୁଳନୀୟ । ତାଙ୍କର ଗବେଷଣାତ୍ମକ ପ୍ରବନ୍ଧର କୌଣସି ପଟାନ୍ତର ନାହିଁ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ତାଙ୍କର ସଂପର୍କ ଅତ୍ୟନ୍ତ ମଧୁର ଓ ଘନିଷ୍ଠ ଥିଲା । ତାଙ୍କ ବିୟୋଗରେ ଆର୍.ଏସ୍. ଏସ୍. ତରଫରୁ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମିତ ପ୍ରାର୍ଥନା କରାଯାଇଛି । ଏବଂ ଏହି କଠିନ ସମୟରେ ତାଙ୍କର ଶୋକସନ୍ତପ୍ତ ପରିବାରକୁ ପ୍ରଭୁ ଶ୍ରୀ ଜଗନ୍ନାଥ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ ।

# ଜଳସମ୍ପଦର ସୁରକ୍ଷା ଲାଗି ଦୀର୍ଘମିଆଦୀ ଯୋଜନା ଆବଶ୍ୟକ

ଭୁବନେଶ୍ୱର (ପିଏନ୍): ଦେଶରେ ଭୂତଳ ଜଳସ୍ତର ଦୃତ ଗତିରେ ହ୍ରାସ ପାଉଥିବାରୁ କିପରି ତା'ର ସଂରକ୍ଷଣ କରାଯାଇପାରିବ ସେ ସମ୍ପର୍କରେ ସୁପାରିଶ କରିବାକୁ ବିଭାଗ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇଛି। ଜଳସମ୍ପଦର ସୁରକ୍ଷା ଲାଗି ବିଶେଷ ଭାବରେ ଭୂତଳ ଜଳର ସଂରକ୍ଷଣ ସକାଶେ ଆଇନଗତ ପଦକ୍ଷେପ ନେବା ଏହାର ଉଦ୍ଦେଶ୍ୟ। ଦେଶରେ ଜଳସମ୍ପଦକୁ ନେଇ ବିଭିନ୍ନ ସମସ୍ୟା ଦେଖାଦେଉଥିବା ବେଳେ ସେଥିରେ ଭୂତଳ ଜଳର ସ୍ଥିତି ଗୁରୁତ୍ୱପୂର୍ଣ୍ଣ। କାରଣ ଏବେ ୮୫ ପ୍ରତିଶତ ପାନୀୟ ଜଳ ଭୂତଳ ଜଳରୁ ସ୍ଥିତି ଗୁରୁତ୍ୱପୂର୍ଣ୍ଣ। କାରଣ ଏବେ ୮୫ ପ୍ରତିଶତ ପାନୀୟ ଜଳ ଭୂତଳ ଜଳରୁ ମିଳୁଥିବାବେଳେ ଜଳସେଚନ ପାଇଁ ବ୍ୟବହୃତ ୬୫ ପ୍ରତିଶତ ଜଳ ଏହି ସୂତ୍ରରୁ ଅଣାଯାଉଛି। ଜଳର ଚାହିଦା ଦୃତ ଗତିରେ ବଢୁଥିବାରୁ ଓ ଦେଶର ଅଧିକାଂଶ ଅଞ୍ଚଳରେ ଭୂତଳ ଜଳସ୍ତର ବିପଜ୍ଜନକସ୍ତରକୁ ଖସି ଆସିଥିବା କାରଣରୁ ଦିଗଟି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଦରକାର। ସମ୍ବିଧାନରେ ଜଳ ରାଜ୍ୟ ତାଲିକାରେ ରହିଛି। କିନ୍ତୁ ଏବେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ କାର୍ଯ୍ୟକାରୀ କରିପାରିବା ଭଳି ଏକ ଆଦର୍ଶ ଆଇନ ପ୍ରଣୟନ କରିବାକୁ ବିଚାର କରୁଛନ୍ତି। ଏହି ମଡ଼େଲ ବିଲରେ ଭୂତଳ ଜଳର ସଂରକ୍ଷଣ, ସୁରକ୍ଷା, ନିୟନ୍ତ୍ରଣକୁ ପରିଚାଳନା ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିବ। ଏ କ୍ଷେତ୍ରରେ ରହିଥିବା ଦୁର୍ବଳତାଗୁଡ଼ିକୁ ଚିହ୍ନଟ କରାଯାଇ ଏହାର ପ୍ରତିକାର ବ୍ୟବସ୍ଥା ରଖାଯିବ। ସାଧାରଣ ବିତର୍କ କରାଯାଇ ଏ କ୍ଷେତ୍ରରେ କଡ଼ା ବ୍ୟବସ୍ଥା ରଖାଯିବାକୁ ଚିନ୍ତା କରାଯାଉଛି। ଏଥିରେ ରହିଥିବା ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହେଲେ ବିବାଦ ଉପୁଜିପାରେ ଯଦିଓ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଭୂତଳ ଜଳର ମନଇଛା ବ୍ୟବହାର ଉପରେ କଟକଣା ରହିବା ଉଚିତ। ଏବେ ଜମି ମାଲିକ ଭୂମିତଳେ ଥିବା ଜଳକୁ ଇଛା ଅନୁସାରେ ବ୍ୟବହାର କରିପାରିବେ। ତାହା ଉପରେ କୌଣସି ସୀମା ବା ନିୟନ୍ତ୍ରଣ ରଖାଯାଇନାହିଁ। ସରକାର ଏବେ ଭୂତଳ ଜଳର ମାଲିକାନା ବା ଆଇନଗତ ସ୍ଥିତିକୁ ବଦଳାଇବାକୁ ଚାହାନ୍ତି। ଅର୍ଥାତ୍ ଭୂତଳ ଜଳକୁ ସମୁହ ପ୍ରାକୃତିକ ସମ୍ପଦ ଭାବେ ବିବେଚନା କରାଯିବ। କାରଣ ସାଧାରଣ ଜୀବନ, ଜୀବିକା ଓ ପରିବେଶ ସହ ଏହାର ନିବିଡ଼ ସମ୍ପର୍କ ରହିଛି। ଆଉ ଏକ ପ୍ରସ୍ତାବ ହେଲା ପଞ୍ଚାୟତ ଓ ପୌରସଂସ୍ଥାଗୁଡ଼ିକ ସର୍ବସାଧାରଣଙ୍କ ସହଯୋଗ ଓ ଅନୁମୋଦନ ନେଇ ଭୂତଳ ଜଳର ପରିଚାଳନା କରିବାକୁ କ୍ଷମତାପ୍ରାପ୍ତ ହେବେ। ପିଇବା ପାଣି ବ୍ୟତୀତ ଅନ୍ୟ କାମ ପାଇଁ ଜଳର ରିସାଇକ୍ଲିଂ ଓ ପୁନଃ ବ୍ୟବହାର ଲାଗି ସମ୍ପୃକ୍ତ ସରକାର ପଦକ୍ଷେପ ନେବାକୁ ଆଇନରେ ପ୍ରସ୍ତାବ ରଖାଯାଇଛି। ଉମା ଭାରତୀ ଯୁକ୍ତି କରିଛନ୍ତି ଏମାନଙ୍କ ଉପରେ ନିର୍ଦ୍ଦିଷ୍ଟ କଟକଣା ରହୁ ଏବଂ ଶିଳ୍ପ ଗୁଡ଼ିକ କେବଳ ରିସାଇକ୍ଲିଂ ଜଳକୁ ବ୍ୟବହାର କରିପାରିବେ ବୋଲି ନିୟମ ରଖାଯାଉ। ଅବଶ୍ୟ ଭାରତରେ ଯେପରି ଜଳାଭାବ ସମସ୍ୟା ବଢୁଛି ସେ କାରଣରୁ ଅନେକ ଦେଶ ପରି ଜଳର ରିସାଇକ୍ଲିଂ ଓ ତାର ପୁନଃ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ। ସହରାଞ୍ଚଳ ଗୁଡ଼ିକରେ ପାନୀୟ ଜଳ ବ୍ୟତୀତ ଅନ୍ୟ କ୍ଷେତ୍ରରେ ରିସାଇକ୍ଲିଂ ଜଳ ବ୍ୟବହାର କରାଯିବା ଦରକାର। ତଦ୍ୱାରା ବିଶୋଧନ ଖର୍ଚ୍ଚ ମଧ୍ୟ କମିଯିବ। କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଉପରୋକ୍ତ ସମସ୍ୟା ଉପରେ ଜାଗ୍ରତ କରାଇବା ଆଗରୁ ନିଜ ପ୍ରଶାସନରେ ଜଳ ପରିଚାଳନା ଦିଗକୁ ସଜାଡ଼ିବା ଉଚିତ। କାରଣ କେନ୍ଦ୍ରରେ ଜଳ ଉଦ୍ୟୋଗ ସହ ସମ୍ପୃକ୍ତ ଅନେକ ବିଭାଗ ଓ ସଂସ୍ଥା ରହିଛି। ସେଗୁଡ଼ିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିଛି କି ନା ସନ୍ଦେହ। କେନ୍ଦ୍ର ଭୂତଳ ଜଳ ବୋର୍ଡ଼ ଭୂତଳ ଜଳ ସମ୍ପର୍କିତ ନୀତିନିୟମ କରୁଥିବାବେଳେ କେନ୍ଦ୍ରୀୟ ଜଳ କମିଶନ ଜଳଭଣ୍ଡାର ଓ ଜଳସେଚନ ପ୍ରକଳ୍ପଗୁଡ଼ିକ ସହ ସଂଶ୍ଳିଷ୍ଟ। ଜଳସମ୍ପଦ ଓ ପରିବେଶ ମନ୍ତ୍ରଣାଳୟଗୁଡ଼ିକ ନଦୀଗୁଡ଼ିକର ସଂରକ୍ଷଣ ଓ ଯୋଜନା ପାଇଁ ଉତ୍ତରଦାୟୀ ଥିଲାବେଳେ ଉତ୍ତର ଭାରତରେ ଗଙ୍ଗା ଆଦି ନଦୀଗୁଡ଼ିକ ହିମାଳୟର ତୁଷାରାବୃତ୍ତ ପାହାଡ଼ରୁ ବରଫ ତରଳି ଜଳ ବହୁଥିବା ଯୋଗୁଁ ସେଥିସହ ଭୂବିଜ୍ଞାନ ମନ୍ତ୍ରଣାଳୟ ତଦାରଖ କରୁଛି। କୁହାଯାଉଛି ଯେ ଜଳ ଉଦ୍ୟୋଗର ପରିଚାଳନାରେ ୧୧ଟି ମନ୍ତ୍ରଣାଳୟ ଓ ବିଭାଗ ସଂଶ୍ଳିଷ୍ଟ। ଏହି ପରିଚାଳନା ବ୍ୟବସ୍ଥାକୁ ସରଳ ଓ ସୁସମନ୍ୱିତ କରାଯିବା ଦରକାର। ଜଳସଙ୍କଟ କ୍ରମାଗତ ଭାବେ ଭିନ୍ନ ରୂପରେ ପ୍ରକାଶ ପାଉଥିବାରୁ ଏହାକୁ କେବଳ ରାଜ୍ୟ ଗୁଡ଼ିକ ଉପରେ ଛାଡ଼ି ନଦିଆଯାଇ ଯଦି ମିଳିତ ତାଲିକାରେ ଏ ବିଷୟକୁ ରଖାଯାଇପାରିବ ତେବେ ହୁଏତ ସମଗ୍ର ଦେଶର ଜଳ ପରିଚାଳନା ଲାଗି ସମାନ ଓ କଠୋର ଆଇନ କରିବା ସହଜ ହେବ। କିନ୍ତୁ ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହମତି ଲୋଡ଼ା। ଯାହାହେଲେ ବି କେନ୍ଦ୍ର ଓ ରାଜ୍ୟଗୁଡ଼ିକ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଜଳସମ୍ପଦର ସୁରକ୍ଷା ଓ ପରିଚାଳନା ଲାଗି ଦୀର୍ଘମିଆଦୀ ଯୋଜନା କରନ୍ତୁ।

## ନେଲୁଙ୍ଗ ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ନେଲୁଙ୍ଗ ଗ୍ରାମ ନାଏକ ସାହିରେ ପବିତ୍ର ପଣା ସଂକ୍ରାନ୍ତି ଦିନଠାରୁ ୪ଦିନ ବ୍ୟାପି ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ନାଏକ ସାହିର ବହୁ ପୁରାତନ ଅନୁଷ୍ଠାନରେ ପ୍ରତ୍ୟେକ ବର୍ଷ ନାମଯଜ୍ଞ କାର୍ଯ୍ୟକ୍ରମ ବେଶ୍ ଧୁମଧାମରେ ପାଳିତ ହୋଇଥାଏ । ବିଗତ ବର୍ଷ ମାନଙ୍କରେ କରୋନା ଯୋଗୁଁ ଏହି କାର୍ଯ୍ୟକ୍ରମ ପାଳିତ ହେଉନଥିଲା । ଚଳିତ ବର୍ଷ ଆୟୋଜକଙ୍କ ସହ ୬ ଗୋଟି ସଂକୀର୍ତ୍ତନ ଦଳ ଯଥା- ଆୟୋଜକ ନେଲୁଙ୍ଗ ରାଧାମାଧବ ମହିଳା ସଂକୀର୍ତ୍ତନ ମଣ୍ଡଳୀ, ତେଲୋଇ ଓରିଆ ମହିଳା ସଂକୀର୍ତ୍ତନ ମଣ୍ଡଳୀ, ଛାମୁଣ୍ଡା ମହିଳା ସଂକୀର୍ତ୍ତନ ମଣ୍ଡଳୀ, ସରୁଆଳି (ଜଗମୋହନପୁର) ପୁରୁଷ ଦଳ, ଡଳଙ୍ଗ ପୁରୁଷ ଦଳ ଓ ନେଲୁଙ୍ଗ ଗ୍ରାମର ମଝିସାହି କୀର୍ତ୍ତନ ଦଳ ଭାଗ ନେଇଥିଲେ । ନାମ ସଂକୀର୍ତ୍ତନ ଶ୍ରବଣ କରିବା ପାଇଁ ଆଖପାଖ ବହୁ ଗ୍ରାମର ମହିଳା ଏବଂ ପୁରୁଷ ଶ୍ରଦ୍ଧାଳୁ ଭାଗ ନେଇଥିଲେ । ବିଶେଷ କରି ମହିଳାମାନେ ସନ୍ଧ୍ୟା ପରଠାରୁ ବହୁ ମାତ୍ରାରେ ଯୋଗ ଦେବାର ପରିଲକ୍ଷିତ ହୋଇଥିଲା । ସମଗ୍ର ପରିବେଶ ୪ ଦିନ ଧରି ବେଶ୍ ଭକ୍ତି ଭାବମୟ ହୋଇ ପଡିଥିଲା । ଏଥିରେ ନେଲୁଙ୍ଗ ଗ୍ରାମ ପଂଚାୟତର ବର୍ତ୍ତମାନର ସରପଂଚ ଓ ପୂର୍ବତନ ସରପଂଚ, ସମିତିସଭ୍ୟ ପ୍ରମୁଖ ଅକୁଣ୍ଠିତ ସାହାଯ୍ୟ କରିଥିଲେ । ଯଜ୍ଞର କର୍ତ୍ତା ଭାବେ ଟୁଲୁ ଦାସ ଓ ପୂଜକ ଭାବେ ମଧୁସୂଦନ ମିଶ୍ର ଯଜ୍ଞ କାର୍ଯ୍ୟ ନିର୍ବାହ କରିଥିଲେ । ନାମଯଜ୍ଞର ଆୟୋଜକ ଗୁରୁ ସତ୍ୟାନନ୍ଦ ନାଏକ ଓ କମିଟି ସଭ୍ୟ ରଙ୍କ ଦାସ, ଗଙ୍ଗାଧର ନାଏକ, ଶଙ୍କର୍ଷଣ ନାଏକ,ଜୟକୃଷ୍ଣ ଚୌଧୁରୀ, ଚନ୍ଦ୍ର ନାଏକ, କାଳି ଚରଣ ପରିମାଣିକ, ପ୍ରସନ୍ନ ନାଏକ ତଥା କମିଟିର ସମସ୍ତ ସଦସ୍ୟ ଏହାକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଉଦ୍‌ଯାପନ ଦିବସରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । କମିଟିର ବରିଷ୍ଠ ସଦସ୍ୟ ସତ୍ୟାନନ୍ଦ ନାଏକ ଆଗାମୀ ଦିନରେ ଏହି ଅନୁଷ୍ଠାନର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଭିକ୍ଷା କରିଥିଲେ ।

## ଆନନ୍ଦପୁର ପୌରପରିଷଦରେ ଜଳ ସଙ୍କଟ



ଆନନ୍ଦପୁର (ପିଏନ୍): ଆନନ୍ଦପୁର ପୌରପରିଷଦର ୩,୪ ଏବଂ ୫ନଂ ୱାର୍ଡରେ ଜଳ ସଙ୍କଟ ଦେଖିବାକୁ ମିଳିଛି । ଆନନ୍ଦପୁର ପୌରପରିଷଦର ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ୪ନଂ ୱାର୍ଡର ଦଳେଇ ସାହିର ମଠ ପାଖରେ ଥିବା ସାମ୍ପରୁ ପାଇପ୍ ଯୋଗେ ଦଳେଇ ସାହି, ତଳସାହି, ନନ୍ଦୀ ସାହି, କଂସାରୀ ସାହିକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବାବେଳେ ଦୀର୍ଘଦିନ ହେବ ସାମ୍ପ୍ ଠାରୁ ଆସିଥିବା ଦଳେଇ ସାହିକୁ ପାଇପ୍‌ଟି ଫାଟି ଯାଇ ପାଣି ଲିକ୍ କରୁଥିବା ବେଳେ ଆନନ୍ଦପୁର ଜନସ୍ୱାସ୍ଥ୍ୟ ବିଭାଗକୁ ଜଣାଇବା ପରେ ୧୫ତାରିଖ ଦିନ ବିଭାଗୀୟ କର୍ମଚାରୀମାନେ ଉକ୍ତ ପାଇପ୍‌ଟିକୁ ମରାମତି କରିବା ସତ୍ତ୍ୱେ ପାଣି ଲିକ୍ କରୁଥିବା ଦେଖିବାକୁ ମିଳିଛି । ବିଭାଗ କର୍ତ୍ତୃପକ୍ଷ ଜାଣି ମଧ୍ୟ ପାଇପ୍‌ଟିକୁ ନବଦଳାଇ ପକାଇ ଯାଇଥିବା ବେଳେ ୪ନଂ ୱାର୍ଡର କାଉନ୍‌ସିଲର ତଥା ପୌର ପରିଷଦର ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ ସର୍ବୋଚ୍ଚ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗକୁ ସାକ୍ଷାତ କରି ଜଳ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ । ନୂତନ ପାଇପ୍ ପକାଇ କାର୍ଯ୍ୟ ଅଧାରୁ ବନ୍ଦ କରିଦେବା ବିଭାଗ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହିତ ଉକ୍ତ କାମକୁ ଶେଷ ନକରି ପଳାଇଯିବା ଇତିମଧ୍ୟରେ ଯନ୍ତ୍ରୀଙ୍କ ଅବସର ସରିଥିବା ବେଳେ ତୁରନ୍ତ ନୂଆ ପାଇପ୍ ପକେଇବା ସହିତ ପୁରୁଣା ପାଇପ୍‌କୁ ମରାମତି କରିବା ପାଇଁ ୱାର୍ଡବାସୀ ଦାବି କରିଛନ୍ତି।

## ପ୍ରବାଦପୁରୁଷ ବିଜୁବାବୁଙ୍କ ୨୫ତମ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): ପ୍ରବାଦପୁରୁଷ ବିଜୁବାବୁଙ୍କ ୨୫ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ କେନ୍ଦୁଝର ଜିଲ୍ଲା ପ୍ରେମଲତିକା କଳାଭବନ ଠାରେ ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା । ଏଥିରେ ଆଶିଷ ଚକ୍ରବର୍ତ୍ତି, ସୌମ୍ୟଶଙ୍କର ଚକ୍ର, କାନନ ବିହାରୀ ପହି, ବରଦା ପ୍ରସନ୍ନ ଦାସ, ଭରତ ପାତ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ଜିଲ୍ଲା ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବ୍ଲକ ବ୍ୟାଙ୍କ୍ ଠାରେ ଏକ ରକ୍ତଦାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ୪୩ଜଣ କର୍ମୀ ରକ୍ତଦାନ କରିଥିଲେ । ସବିତା ପଟ୍ଟନାୟକ, ଶରତ ସାହୁ, କେ. କାକଳୀ ପ୍ରମୁଖ କାଉନ୍‌ସିଲରଗଣ ରକ୍ତଦାନ କରିଥିଲେ । ସକାଳ ୮.୩୦ ମିନିଟ୍ ସମୟରେ ଥାନାଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡି ସଭାପତି ମାଧବ ସର୍ଦ୍ଦାର, ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଆଶିଷ ଚକ୍ରବର୍ତ୍ତି, ସୌମ୍ୟ ଶଙ୍କର ଚକ୍ର, ପ୍ରମୋଦ ପଟ୍ଟନାୟକ, କାନନ ବିହାରୀ ପହି, ବରଦାପ୍ରସନ୍ନ ଦାସ,ଚକ୍ରଧର ପରିଡା, ପୂର୍ଣ୍ଣଚନ୍ଦ୍ର ସାହୁ, କପିନ ଆନସାରୀ, ଡମ୍ବରୁ ଦାସ, ବିପିନ ଆପଟ, ବାସୁଦେବ ଜେନା ତଥା କେନ୍ଦଝର ପୌରପାଳିକାର ସମସ୍ତ କାଉନ୍‌ସିଲର ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ପୁରୁଣା ବଜାର ବଡଦାଣ୍ଡରେ ସକାଳ ୭.୩୦ ମିନିଟ୍ ସମୟରେ ସଫେଇ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା । ଏଥିରେ ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, କେନ୍ଦୁଝରଗଡ ପୌରପାଳିକାର ଉପ-ନଗରପାଳ ବରଦା ପ୍ରସନ୍ନ ଦାସ, ୧ନଂ ୱାର୍ଡର କାଉନ୍‌ସିଲର ଶରତ ଚନ୍ଦ୍ର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଅବସରପ୍ରାପ୍ତ ସ୍କୁଲ ଏସ୍.ଆଇ.ଙ୍କ ବଦାନ୍ୟତା



ଘଷିପୁରା (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ଗ୍ରାମଠାରେ ମା'ହିଙ୍ଗୁଳା ପୀଠରେ ଏକ ନୂତନ ସ୍ଥାୟୀ ରୋଷଘର ଓ ଭଣ୍ଡାର ଗୃହ ଗ୍ରାମର ଅବସରପ୍ରାପ୍ତ ସ୍କୁଲ ଏସ.ଆଇ. ତଥା ସମାଜସେବୀ ନୀଳମଣି ପରିଡା ନିଜ ପେନ୍‌ସନ ଟଙ୍କାରେ ନିର୍ମାଣ କରିଛନ୍ତି । ଉକ୍ତ ଗୃହ ଗତ ମହାବିଷୁବ ସଂକ୍ରାନ୍ତି ଦିନ ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ସ୍ୱାଇଁ, ପୂର୍ବତନ ସରପଂଚ ବିଭାସ ଚନ୍ଦ୍ର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ନୀଳମଣି ପରିଡ଼ାଙ୍କ ଏହି କାର୍ଯ୍ୟକୁ ସ୍ଥାନୀୟ ଗ୍ରାମବାସୀ ଓ ବହୁ ଶ୍ରଦ୍ଧାଳୁ ପ୍ରଶଂସା କରିଛନ୍ତି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# କେନ୍ଦ୍ର ଓ ରାଜ୍ୟ ସରକାର ଜନ ବିରୋଧୀ : ବ୍ରଜ ତ୍ରିପାଠୀ

ଭୁବନେଶ୍ୱର, (ପି.ଏନ) : ଗୟାଧର ମଲ୍ଲିକଙ୍କ ସଭାପତିତ୍ୱରେ ସମତା କ୍ରାନ୍ତି ଦଳର ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକକୁ ଉଦ୍‌ଘାଟନ କରି ଦଳର ପ୍ରତିଷ୍ଠାତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ବ୍ରଜକିଶୋର ତ୍ରିପାଠୀ କହିଲେ ଯେ, ବର୍ତ୍ତମାନ ଦେଶରେ ବିଜେପି ନେତୃତ୍ୱରେ ଚାଲିଥିବା ୮ ବର୍ଷର କେନ୍ଦ୍ର ସରକାର ସବୁ ଦିଗରେ ବିଫଳ ହୋଇଛନ୍ତି। ବର୍ତ୍ତମାନ ଅତ୍ୟଧିକ ଦରଦାମ ବୃଦ୍ଧିରେ ସାଧାରଣ ଜନତା ବ୍ୟତିବ୍ୟସ୍ତ। ଶିକ୍ଷିତ ବେକାରୀ ସମସ୍ୟା, ଉତ୍କଟ, ଚାଷୀ ଉତ୍ପାଦିତ ଦ୍ରବ୍ୟର ସର୍ବନିମ୍ନ ଦର ନିର୍ଦ୍ଧାରଣକୁ ଆଇଗତ ଦରଜା ଦେବା ପାଇଁ ରାଜରାସ୍ତାରେ, ଶ୍ରମିକ ବେକାର କିମ୍ବା ଦାଦନ ଶ୍ରମିକ ଭାବରେ ଅଧାପେଟରେ ବିଦେଶରେ, ସର୍ବୋପରି ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ଥିବାବେଳେ କେନ୍ଦ୍ର ସରକାର ଧର୍ମ ନାମରେ ଦେଶକୁ ବିଭାଜିତ କରିବା ପାଇଁ କାର୍ଯ୍ୟରତ। ଦେଶର ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ କରୁଥିବା ଓ ସ୍ୱାଧୀନତାକୁ ସ୍ୱୀକାର କରୁନଥିବା ଗୋଷ୍ଠୀ ଓ ସଂଗଠନର ଆଜି ରାଷ୍ଟ୍ରବାଦୀ।ସେହିପରି ଶ୍ରୀ ତ୍ରିପାଠୀ କହିଥିଲେ ଯେ, ରାଜ୍ୟରେ ବିଜେଡ଼ି ସରକାର ଭାରତର ସବୁଠାରୁ ଦୁର୍ନୀତିଗ୍ରସ୍ତ ଭ୍ରଷ୍ଟ ସରକାର ଅଟନ୍ତି। ସିଏଜି ତାଙ୍କ ରିପୋର୍ଟରେ ରାଜ୍ୟ ସରକାରଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣି ରାଜ୍ୟ ରସକାରଙ୍କୁ ଉଲଗ୍ନ କରି ଦେଇଛନ୍ତି। ଲୁହାପଥର ଲୁଟ୍ ଓ କୋଇଲା ଲୁଟ ମହାଦୁର୍ନୀତି, ବକ୍ସାଇଟ ଦୁର୍ନୀତିରେ ରାଜ୍ୟ ବିଜେଡ଼ି ସରକାର ମୁଖ୍ୟ ଭାଗିଦାରୀ ରହିଛନ୍ତି। ଏହା ସାଙ୍ଗକୁ ରାଜ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାରେ ଦୁର୍ନୀତି, ଖାଦ୍ୟ ଅନୁପଯୋଗୀ ଚାଉଳ ଯୋଗାଣ ସାଙ୍ଗକୁ ଶିଶୁ ଖାଦ୍ୟ ଓ ଡ଼ାଲି ଦୁର୍ନୀତି, ଭେଜାଲ ଔଷଧ, ଜଳସେଚନ, ସମବାୟ ବିଭାଗ ସମେତ ରାଜ୍ୟ ଶାସନର ପ୍ରତ୍ୟେକ ବିଭାଗରେ ଚାଲିଥିବା ଦୁର୍ନୀତିର ଦୁର୍ଗନ୍ଧରେ ଜନସାଧାରଣ ବିବ୍ରତ। ଚିଟ୍‌ଫଣ୍ଡ ଦୁର୍ନୀତିରେ ଶାସକ ଦଳର ସହାୟତାରେ ଓ ପୃଷ୍ଠପୋଷକତାରେ ସାଧାରଣ ନିବେଶଙ୍କ ହଜାର ହଜାର କୋଟି ଟଙ୍କା ବୁଡ଼ି ଯାଉଥିବା ଓ ସରକାରୀ ଦଳର ବହୁ ମନ୍ତ୍ରୀ, ସାଂସଦ, ବିଧାୟକ, ନେତାମାନେ ଓ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗର ତଦନ୍ତ ଆବଶ୍ୟକ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ଖଣି ଦୁର୍ନୀତିରେ ଜଷ୍ଟିସ ଶାହା କମିଶନ ରିପୋର୍ଟରେ ସିବିଆଇ ତଦନ୍ତ ସୁପାରିଶ ଉପରେ ରାଜ୍ୟ ସରକାରଙ୍କ ଇଚ୍ଛା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନକରାଯିବା ଉଭୟ କେନ୍ଦ୍ରର ଏନ୍‌ଡ଼ିଏ ଓ ରାଜ୍ୟରେ ବିଜେଡ଼ି ସରକାରଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକାର ଭିତିରି ସମ୍ପର୍କକୁ ପ୍ରମାଣିତ କରୁଛି। ଚିଟ୍‌ଫଣ୍ଡ ଦୁର୍ନୀତିରେ ସିବିଆଇ ତଦନ୍ତରେ ମନ୍ଥରତା ଜନସାଧାରଣଙ୍କୁ ବିବ୍ରତ କରୁଛି। ରାଜ୍ୟ ସରକାରଙ୍କର 'ଲୋକାୟୁକ୍ତ' ବିଧେୟକୁ ସମାଲୋଚନା କରି ଶ୍ରୀ ତ୍ରିପାଠୀ କହିଥିଲେ ଯେ, ଦନ୍ତ ବିହୀନ ଏହି ଆଇନରେ ଭିଜିଲାନ୍ସକୁ ଲୋକାୟୁକ୍ତଙ୍କ ଅଧୀନ ନକରିବା ଓ ନାଗରିକ ଅଧିକାରକୁ ସ୍ୱୀକୃତି ନଦେବା ଦ୍ୱାରା ଏହା ସଶକ୍ତ ତଥା ଉଚ୍ଚସ୍ତରରେ ଭ୍ରଷ୍ଟାଚାର ରୋକିବାରେ ସକ୍ଷମ ହେବନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବଜେଟ ଦିଗହରା ଓ ଚିରାଚରିତ ବଜେଟ ଓ ଚାଷୀ, ବେକାରୀ ସମସ୍ୟା ସମାଧାନରେ ବିଫଳ ବଜେଟ ବୋଲି ଶ୍ରୀ ତ୍ରିପାଠୀ କହିଥିବା ବେଳେ ଆଗାମୀ ଦିନରେ ଦେଶର ଅତ୍ୟଧିକ ଦରଦାମ ବୃଦ୍ଧି ଓ ମୁଦ୍ରାସ୍ଫୀତି ଘଟିବ ବୋଲି ସେ କହିଥିଲେ।ଶ୍ରୀ ତ୍ରିପାଠୀ ଆହୁରି ମଧ୍ୟ କହିଥିଲେ ଯେ, ସମତା କ୍ରାନ୍ତି ଦଳ ଅନୁଭବ କରେ ଯେ, ରାଜ୍ୟରେ ଦିଗହରା, ପରସ୍ପର କନ୍ଦଳରେ ଲିପ୍ତ କଂଗ୍ରେସ ଦଳ ଦକ୍ଷ ବିରୋଧୀ ଦଳର ଭୂମିକା ତୁଲାଇବାରେ ଅସମର୍ଥ ହୋଇଛି। ଏଣୁ ଚରମ ଦୁର୍ଦ୍ଦଶା ଭିତରେ ଗତି କରୁଥିବା ଓଡ଼ିଶାର ଜନସାଧାରଣଙ୍କ ପାଇଁ ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଜନମୋର୍ଚ୍ଚା ଓ ତାର ଐତିହାସିକ, ସମୟ ଉପଯୋଗୀ, ସଠିକ୍ ନିଷ୍ପତ୍ତି ନେଇ ସମତାକ୍ରାନ୍ତି ଦଳରେ ନିଜକୁ ବିଲୀନ କରିଦେଇଛି। ଓଡ଼ିଶାର ଅନ୍ୟ ଛୋଟ ଛୋଟ ଦଳ, ମିଳିତ ହୋଇପାରିଲେ ରାଜ୍ୟକୁ ସୁସ୍ଥ, ଦୁର୍ନୀତିମୁକ୍ତ କାର୍ଯ୍ୟକ୍ଷମ ଶାସନ ଦେବାରେ ସଫଳ ହୋଇପାରିବ ଓ ଦେଶରେ ସମତା ଭିତ୍ତିକ ଶାସନ ଓ ଆର୍ଥିକ ବ୍ୟବସ୍ଥା ପାଇଁ ଆଶା ସୃଷ୍ଟି ହେବ। ଶ୍ରୀ ତ୍ରିପାଠୀ ଓଡ଼ିଶାର ସମସ୍ତ ବାମପନ୍ଥୀ ଦଳ, ପ୍ରଗତିଶୀଳ ଦଳ, ଗଣ ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ଜନବିରୋଧୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ମିଳିତ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ।ଏହି ବୈଠକରେ ଦଳର ସାଧାରଣ ସମ୍ପାଦକ ଶ୍ରୀ ପ୍ରଭାସ ସାମନ୍ତରାୟ ବାର୍ଷିକ ବିବରଣୀ ଓ ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ ଓ ଯୁବନେତା ଇଂ ସାରଦା ପ୍ରସନ୍ନ ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ଯୁବକମାନଙ୍କୁ ଆଗାମୀ ଲଢେଇ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ। ସଭାରେ ରାଜନୈତିକ ପ୍ରସ୍ତାବ, କୃଷି ଓ କୃଷକ ସମସ୍ୟା ସମ୍ପର୍କିତ ପ୍ରସ୍ତାବ, ବେକାରୀ ସମସ୍ୟା ସମ୍ପର୍କିତ ପ୍ରସ୍ତାବ, ଶ୍ରମିକମାନଙ୍କ ନ୍ୟାର୍ଯ୍ୟଦାବି ସମ୍ପର୍କିତ ପ୍ରସ୍ତାବ ଆଦି ଆଲୋଚନା ହୋଇ ଗୃହିତ ହୋଇଥିଲା। ଏହିସବୁ ପ୍ରସ୍ତାବ ମଦନ ନନ୍ଦ, ମନୋରଞ୍ଜନ ପଟ୍ଟନାୟକ, ସରୋଜ ଶତପଥୀ, ଅରେନ ପାଣି ଆଗତ କରିଥିଲେ। ଏହାପରେ ସର୍ବସମ୍ମତି ଅନୁମୋଦନ କ୍ରମେ ଗୟାଧର ମଲ୍ଲିକ ସଭାପତି, ପ୍ରଭାସ ସାମନ୍ତରାୟ ସାଧାରଣ ସମ୍ପାଦକ, ଆଡ୍‌ଭୋକେଟ ଦିଗନ୍ତ ଦେ ଉପସଭାପତି, ଘେନୁ ମୁଦୁଲି ଉପସଭାପତି, ଆରେନ ପାଣି ଉପସଭାପତି, ପ୍ରଦୀପ୍ତ କୁମାର ସାହୁ ସମ୍ପାଦକ, ସୁରୋଜ କୁମାର ଶତପଥୀ ସମ୍ପାଦକ, ମଦନ ନନ୍ଦ ଉପସଭାପତି, ମାଧବ ବିଡ଼ିକାଙ୍କୁ ସମ୍ପାଦକ ଭବେ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା

# ନୃସିଂହ ଚରଣ ପତିଙ୍କ ସ୍ମୃତିରେ ଆନ୍ତର୍ଜାତିକ ଆଭାସି ଶୋକସଭା

ରୋଡ୍‌ସଆଇଲ୍ୟାଣ୍ଡ / ମସ୍କୋ/ ଲଣ୍ଡନ/ ମାଞ୍ଚେଷ୍ଟର/ ସିଓଲ/ ଦୁବାଇ/ ସିଡ୍‌ନୀ / ନୂଆଦିଲ୍ଲୀ / ଭୁବନେଶ୍ୱର / କଟକ, ୧୨।୫ : ପୂର୍ବତନ ଭାରତୀୟ ରେଳବାଇର ଅଧିକାରୀ ସ୍ୱର୍ଗତଃ ନୃସିଂହ ଚରଣ ପତିଙ୍କ ଉଦ୍ଦେଶ୍ୟରେ ୱାର୍ଲ୍ଡ ଓଡ଼ିଶା ସୋସାଇଟି (ୱାଓସୋ) ପକ୍ଷରୁ ଏକ ଆନ୍ତର୍ଜାତିକ ଆଭାସି ଶୋକସଭା ଅନୁଷ୍ଠିତ ହୋଇଯାଇଛି। ୱାଓସୋର ପ୍ରତିଷ୍ଠାତ୍ରୀ ଗୁରୁମା ଡଃ ଅରୁନ୍ଧତୀ ଦେବୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ୱେବ ସମାବେଶରେ ବହୁ ପ୍ରବାସୀ ଓଡ଼ିଆ ନେତୃବୃନ୍ଦ, ବିଭିନ୍ନ ଦେଶର ଓଡ଼ିଆ ସମାଜର କର୍ମକର୍ତ୍ତା ଏବଂ ସ୍ୱର୍ଗତଃ ପତିଙ୍କ ପରିବାର ସଦସ୍ୟ ତଥା ଶୁଭେଚ୍ଛୁ ମାନେ ଯୋଗଦେଇଥିବା ଦେଖାଯାଇଥିଲା। ବରେଣ୍ୟ ବକ୍ତାମାନେ ଶ୍ରୀ ପତିଙ୍କର ଜୀବନ ଓ ଦର୍ଶନ ବାବଦରେ ସ୍ମୃତିଚାରଣ କରିବା ସହିତ ତାଙ୍କର ଅମର ଆତ୍ମାପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋକଆସରରେ ଯୋଗ ଦେଇ ସ୍ୱର୍ଗତଃ ପତିଙ୍କର ଜ୍ୟେଷ୍ଠ ପୁତ୍ର, ଅଷ୍ଟ୍ରେଲିଆ ଓଡ଼ିଆ ସମାଜର ସଭାପତି ଓ ୱାଓସୋର ଉପାଧ୍ୟକ୍ଷ ଡଃ ନଳିନୀ ପତି, ତାଙ୍କର ପିତା ଜଣେ ସାଧାରଣ ମଣିଷ ଥିଲେ କିନ୍ତୁ ତାଙ୍କର ଚିନ୍ତାଧାରା ସର୍ବଦା ଅସାଧାରଣ ଓ ଉଚ୍ଚକୋଟୀର ଥିଲା ବୋଲି କହିଥିଲେ।ପିତା ଖଳି ପତି ଓ ମାତା ମାଳତୀ ପତିଙ୍କ ଔରସରୁ ଗଞ୍ଜାମ ଜିଲ୍ଲାର ଆର୍ ଦାମୋଦରପଲ୍ଲୀ ଗ୍ରାମରେ ୧୯୪୩ ମସିହା ଜୁଲାଇ ୭ ତାରିଖରେ ଜନ୍ମ ଗ୍ରହଣ କରିଥିବା ସ୍ୱର୍ଗତଃ ନୃସିଂହ ଚରଣ ପତି ଗତ ଏପ୍ରିଲ ୧୫ ତାରିଖରେ ୭୯ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ। ସେ ଜଣେ ଅମାୟିକ, ସରଳ, ସହୃଦୟ ଓ ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ। ଜଣେ ଦକ୍ଷ, କଷ୍ଟସହିଷ୍ଣୁ ଏବଂ ପରୋପକାରୀ ଅଧିକାରୀଭାବେ ନିଜ କର୍ମକ୍ଷେତ୍ର ରେଳବାଇ ବିଭାଗରେ ସେ ଯଥେଷ୍ଟ ସୁନାମ ଅର୍ଜନ କରିଥିଲେ। ରେଳବାଇରୁ ୨୦୦୩ ମସିହାରେ ଅବସର ଗ୍ରହଣ କରିବା ପରେ ପତ୍ନୀ ବିଜୟଲକ୍ଷ୍ମୀଙ୍କ ସହିତ ସେ ଭୁବନେଶ୍ୱରରେ ଅବସ୍ଥାନ କରୁଥିଲେ। ତାଙ୍କର ଦୁଇ ଭାଇ କୃଷ୍ଣ ଚରଣ ପତି ଓ ବିଘ୍ନେଶ୍ୱର ପତି, ଦୁଇ ପୁଅ ନଳିନୀ ଓ ନିରଞ୍ଜନ ପତି ଏବଂ ଝିଅ ଜ୍ୟୋତ୍ସ୍ନାରାଣୀ ଓ ଜାମାତା ବିଶ୍ୱଜିତ୍ ତ୍ରିପାଠୀ ଅଟନ୍ତି।ଶୋକ ବୈଠକକୁ ସମ୍ବୋଧନ କରି ଗୁରୁମା ଡଃ ଅରୁନ୍ଧତୀ ଦେବୀ, ୱାଓସୋ ଓ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ତରଫରୁ ସ୍ୱର୍ଗତଃ ପତିଙ୍କର ଶାଶ୍ୱତ ଆତ୍ମାର ଚିର ଶାନ୍ତି ଓ ସଦଗତି କାମନା କରିଥିଲେ। ୱାଓସୋର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ସ୍ୱର୍ଗତଃ ପତି ଜଣେ ମହତ୍ ଆକାଂକ୍ଷା ସମ୍ପନ୍ନ ମହାମାନବ ଥିଲେ ବୋଲି ଉଲ୍ଲେଖ କରିଥିଲେ। ସ୍ୱର୍ଗତଃ ପତିଙ୍କର ବୋହୂ ଅଷ୍ଟ୍ରେଲିଆରେ ଅବସ୍ଥାପିତ ଚିକିତ୍ସକ ଏବଂ ୱାଓସୋର ମହିଳା ଶାଖାର ଉପସଭାପତି ଡଃ ପ୍ରଭାତୀ ପାଣିଗ୍ରାହୀ, ତାଙ୍କର ଶ୍ୱଶୁର ଜଣେ ଉଦାରମନା ଏବଂ ଯତ୍ନଶୀଳ ବ୍ୟକ୍ତିତ୍ୱ ଥିଲେ ବୋଲି ଦର୍ଶାଇଥିଲେ। ସ୍ୱର୍ଗତଃ ପତିଙ୍କ ସାନଭାଇ କୃଷ୍ଣ ଚରଣ ପତି, ତାଙ୍କୁ ଜଣେ ମହାନ୍ ପୁରୁଷର ଆଖ୍ୟା ଦେଇଥିଲେ। ୱାଓସୋର ଆନ୍ତର୍ଜାତିକ ଆବାହକ ଏବଂ ଋଷର ଓଡ଼ିଆ ସମାଜର ସଭାପତି ସନ୍ତୋଷ ମିଶ୍ର, ଶ୍ରୀ ପତିଙ୍କ ନିଧନକୁ ଏକ ଅପୂରଣୀୟ କ୍ଷତି ବୋଲି ବର୍ଣ୍ଣନା କରି ତାଙ୍କର ମୋକ୍ଷ ପାଇଁ ପ୍ରାର୍ଥନା କରିଥିଲେ। ୱାଓସୋର ଆନ୍ତର୍ଜାତିକ ସଂଯୋଜକ ଅକ୍ଷୟ ମହାନ୍ତି, ମହାନୁଭବ ସ୍ୱର୍ଗତଃ ପତିଙ୍କର ଉପଯୁକ୍ତ ସ୍ମୃତିରକ୍ଷା ପାଇଁ ପ୍ରସ୍ତାବ ଦେଇଥିଲେ। ୱାଓସୋର ମହାସଚିବ ଶିବରଞ୍ଜନ ବିଶ୍ୱାଳ, ୟୁ.କେ ଓଡ଼ିଶା ସମାଜ ତରଫରୁ ଶ୍ରଦ୍ଧାସୁମନ ଅର୍ପଣ କରି, ସେ ଜଣେ ଅତ୍ୟନ୍ତ ନିରୀହ ଓ ନମ୍ର ସ୍ୱଭାବର ବ୍ୟକ୍ତି ଥିଲେ ବୋଲି ସୂଚାଇଥିଲେ। ୱାଓସୋର ଭାରତ ଅଧ୍ୟାୟର ଉପସଭାପତି ରବି ମହାପାତ୍ର, ରେଳବାଇ ତରଫରୁ ତାଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada


# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ। ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା। ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ। ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା। ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି। ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି।

# ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି। ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି।

# ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତ୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ। ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି।ଏହାର ସମାଧାନ ଆମ ନିଜ ପାଖରେ ଅଛି।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି। କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି। ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି। ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି। ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି। ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ। ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି। ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି। ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Friday May 13, 2022 ଭୁବନେଶ୍ୱର ଶୁକ୍ରବାର, ମଇ ୧୩,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ନ୍ତବିଦ୍ୟା ଆଶୀର୍ବାଦ' ଯୋଜନାରେ ପାରାଦୀପ ବନ୍ଦର ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଉପକରଣ ବଂଟନ



ପାରାଦୀପ,(ପି.ଏନ): ନିକଟରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ପାରାଦୀପ ବନ୍ଦର ଗସ୍ତରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସମୟରେ 'ବିଦ୍ୟା ଆଶୀର୍ବାଦ' ଯୋଜନାର ଉଦ୍‌ଘାଟନ କରିଥିଲେ । ଏହି ଯୋଜନାରେ ପାରାଦୀପ ବନ୍ଦର ଓ ଏହାର ଆଖପାଖ ଅଂଚଳର ବିଭିନ୍ନ ସରକାରୀ ଓ ସ୍ୱୀକୃତିପ୍ରାପ୍ତ ଅବହେଳିତ ବର୍ଗର ସ୍କୁଲ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ ବଂଟନ ପ୍ରକ୍ରିୟା ଜାରି ରହିଛି । ଏହି କ୍ରମରେ ଗୁରୁବାର ଦିନ ପାରାଦୀପ ବନ୍ଦର ପକ୍ଷରୁ ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ. ସୋନ୍ଧି ସ୍ଥାନୀୟ ଏନ.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍କୁଲ ଉପକରଣ ବଂଟନ କରିଥିଲେ । ଆଗାମୀ ଦିନରେ ଅନ୍ୟାନ୍ୟ ବିଦ୍ୟାଳୟରେ ଏହି ସ୍କୁଲ ଉପକରଣ ବଂଟନ ପ୍ରକ୍ରିୟା ଜାରି ରହିବ ବୋଲି ବନ୍ଦର ସୂତ୍ରରୁ ପ୍ରକାଶ ।

## ପଥର ବୋଝେଇ ଟ୍ରକ ଜବତ , ଚାଳକ ଗିରଫ

ଖୋର୍ଦ୍ଧା, (ପିଏନ):ବାଘମାରୀ ଥାନା ଅନ୍ତର୍ଗତ ୪୮ ନମ୍ବର ଜାତୀୟ ରାଜପଥର ବାଘମାରୀ-ଶିମୋର ମଧ୍ୟବର୍ତୀ ସ୍ଥାନରେ ଏକ ପଥର ବୋଝେଇ ମିନି ଟ୍ରକକୁ ଜବତ କରିବା ସହ ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ବାଘମାରୀ ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକଙ୍କ ସୂଚନା ମୁତାବକ ୪୮ ନମ୍ବର ଜାତୀୟ ରାଜପଥର ବାଘମାରୀ -ସିମୋର ମଧ୍ୟବର୍ତି ସ୍ଥାନରେ ଓଆର ୦୫ଏଲ୪୦୨୨ ନମ୍ବର ବିଶିଷ୍ଟ ମିନି ଟ୍ରକ ପଥର ବୋଝେଇ କରି ଯାଉଥିବା ସମୟରେ ପୋଲିସ ଗାଡିଟିକୁ ଅଟକାଇ ଜବତ କରିବା ସହ ଚାଳକ ଦିଲ୍ଲୀପ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ଜୋନ - ୩୪ ରସୁଲପୁରର ଧର୍ମଶାଳା ରଜ କୁଇନ ୨୦୨୨ ତୃତୀୟ ପର୍ଯ୍ୟାୟ ଚୟନ




ଭୁବନେଶ୍ୱର,(ପି.ଏନ): ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ତରଫରୁ ଧର୍ମଶାଳା ଗାର୍ଲସ ୱିଙ୍ଗ୍ ତତ୍ତ୍ୱାବଧାନରେ ରଜ କୁଇନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ପ୍ରତିଯୋଗୀତାରେ ୧୮୨ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ତୃତୀୟ ପର୍ଯ୍ୟାୟରେ ୧୪ଜଣଙ୍କୁ ମନୋନୀତ କରାଯାଇଛି । ଧର୍ମଶାଳା ଗାର୍ଲସ ୱିଙ୍ଗ୍ ସଭାପତି କ୍ଷିରାବ୍ଧୀ ତନୟା ମଲ୍ଲିକ୍‌ଙ୍କ ନେତୃତ୍ୱରେ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ରଜ କୁଇନର ତୃତୀୟ ଜୋନ୍ ସ୍ତରୀୟ ପ୍ରତିଯୋଗିତା ନଠୁଆବର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୪ନଂ ଜୋନର ୯ଗୋଟି ପଞ୍ଚାୟତରୁ ୧୮୨ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରି ଜୋନ୍ ସ୍ତରକୁ ୧୪ଜଣ ଉନ୍ନୀତ ହୋଇଛନ୍ତି । ପ୍ରତିଯୋଗିତାରେ କେଡିଏମ୍ ର ଉପାଧକ୍ଷ ରଶ୍ମିରନ ରାୟ, ବବୁଲ ଖାନ୍ ଓ କସ୍ତୁରୀ ନାୟକ ଜୁରୀ ଭାବେ ବିଚାର କରିଥିଲେ । ଏଥିରେ ନୃତ୍ୟ, ସଙ୍ଗୀତ, ରାମ୍‌ସୋ, ବକ୍ତୃତା ଓ ଏକକ ଅଭିନୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜୋନ ନଂ-୩୪ ଜିଲ୍ଲାପରିଷଦ ମମତା ଖୁଣ୍ଟିଆ ଫିତାକାଟି ଉଦ୍‌ଘାଟନ କରିଥିଲେ । ଯୁବ ବିଜେଡି ସଭାପତି କ୍ଷିତିଶ କୁମାର ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିବା ବେଳେ ନଠୁଆବର ସରପଞ୍ଚ ଧ୍ରୁବାନନ୍ଦ ଦେଓ ଓ ଶ୍ରୀବନ୍ତପୁର ସରପଞ୍ଚ ପର୍ଶୁରାମ ଦାସ, ନଠୁଆବର ସମିତିସଭ୍ୟ କୁଲତା ପଣ୍ଡା ଓ ଶ୍ରୀବନ୍ତପୁର ସମିତିସଭ୍ୟ ସୌଦାମିନୀ ସାମଲ ଏବଂ ଗାର୍ଲସ ୱିଙ୍ଗ୍ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ,ସମ୍ଭାବ୍ୟ ବାତ୍ୟା ଓ ବନ୍ୟାର ମୁକାବିଲା ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ

ଖୋର୍ଦ୍ଧା, (ପିଏନ): ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ପକ୍ଷରୁ ପ୍ରକଳ୍ପ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପୌରୋହିତ୍ୟରେ ସମ୍ଭାବ୍ୟ ବାତ୍ୟା ଓ ବନ୍ୟାର ମୁକାବିଲା କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ରାଜ୍ୟ ବିଜ୍ଞାନ କାରିଗରୀ କୌଶଳ ସାଧାରଣ ଉଦ୍ୟୋଗ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ତଥା ଭୁବନେଶ୍ୱରର ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା,ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର,ବେଗୁନିଆ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ ଓ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ଅନୁଜ କୁମାର ଦାସ ପଟ୍ଟନାୟକଙ୍କ ସମେତ ଜିଲ୍ଲା ଉପଖଣ୍ଡର ତହସିଲଦାର ଓ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀ ମାନେ ଯୋଗ ଦେଇଥିଲେ ।ବନ୍ୟା ଓ ବାତ୍ୟା ଭଳି ବିପର୍ଯ୍ୟୟର ମୁକାବିଲା ପାଇଁ ଭୁବନେଶ୍ୱର ମହାନଗର ନିଗମରେ ଡ୍ରେନେଜ ସମସ୍ୟା ଉପରେ ଆଲୋକ ପାତ କରିବା ସହ ଜାଗମରାରୁ ଗଙ୍ଗୁଆ ପର୍ଯ୍ୟନ୍ତ ବିଏମସିର ୪୯ ନମ୍ବର ୱାର୍ଡ ଓ ଏହାର ଆଖପାଖ ଅଂଚଳରେ ଡ୍ରେନେଜ ସମସ୍ୟା ସମାଧାନକୁ ନେଇ ଗଙ୍ଗୁଆ ଆକ୍ସନ ପ୍ଲାନପ୍ରସ୍ତୁତି ଉପରେ ମନ୍ତ୍ରୀ ଶ୍ରୀ ପଣ୍ଡା ଗୁରୁତ୍ୱାରୋପ କରିଥିଲେ ।ଖୋର୍ଦ୍ଧା ସହର ମଧ୍ୟରେ ପ୍ରାକୃତିକ ଦୁର୍ବିପାକ ସମୟରେ ବର୍ଷାହେଲେ ହେଲେ ଡ୍ରେନେଜ ସମସ୍ୟା ରହିଥିବାରୁ ଡ୍ରେନ ଓ କଲଭର୍ଟ ନିର୍ମାଣ ପାଇଁ ଜାତୀୟ ରାଜପଥ କର୍ତ୍ତୁପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବାକୁ ଖୋର୍ଦ୍ଧା ବିଧାୟକ ଶ୍ରୀ ମିତ୍ର କହିଥିଲେ । ମୁଖ୍ୟମନ୍ତ୍ରୀ ସମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ପାଇଁ ସବୁଠାରୁ ଆଗୁଆ ପଦକ୍ଷେପ ନେଇ ଖୋର୍ଦ୍ଧା ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ସଫଳଥାର ସହ ମୁକାବିଲା ହୋଇପାରିଛି । ଏହି ଅବସରରେ ନିଜ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଡ୍ରେନ ନିର୍ମାଣ,ମରାମତି ଓ ବହୁମୁଖି ଆଶ୍ରୟ ସ୍ଥଳର ନିର୍ମାଣ ସମ୍ପର୍କରେ ବେଗୁନିଆ ବିଧାୟକ ଶ୍ରୀ ସାହୁ ଆଲୋକ ପାତ କରିଥିଲେ ।ବାଣପୁର ପୌରାଚଂଳରେ ଡ୍ରେନେଜ ସମସ୍ୟା ସମାଧାନ ପାଇଁ ପୂର୍ତ୍ତ ବିଭାଗ ଜରୁରୀ କାଳୀନ ପଦକ୍ଷେପ ନେବା ପାଇଁ ଦୃଷ୍ଟି ଆକର୍ଷଣ କରିବା ସହ ବୋଲଗଡରେ ନୂଆ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ପାଇଁ ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ସାହୁ ପ୍ରସ୍ତାବ ରଖିଥିଲେ ।ପ୍ରାରମ୍ଭରେ ଜିଲ୍ଲାପାଳ ୨୦୨୧ ମସିହାରେ ଜୱାଦ ଜନିତ ବାତ୍ୟାରେ ଯେଉଁ ଚାଷୀମାନେ ଅଦ୍ୟାବଧି କ୍ଷତିପୂରଣ ପାଇ ନାହାନ୍ତି ସେମାନଙ୍କୁ ମେ ମାସ ୨୫ ତାରିଖ ସୁଦ୍ଧା ପ୍ରାପ୍ୟ ଅର୍ଥ ପ୍ରଦାନ କରିବାକୁ ଜିଲ୍ଲାପାଳ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ସେହିପରି ଫନି ବାତ୍ୟାରେ ପାନବରଜ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ମାନଙ୍କୁ ଅଦ୍ୟାବଧି କ୍ଷତିପୂରଣ ପାଇ ନଥିବାରୁ ବିଭିନ୍ନ ବ୍ଲକରେ ଜନଶୁଣାଣୀ ବେଳେ ଦୃଷ୍ଟି ଆକର୍ଷଣ କରିଥିବାରୁ କୃଷି ଅଧିକାରୀ ମାନେ ପ୍ରାପ୍ୟ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଓଡିଶା ରିଲିଫ କୋଡ ଅନୁଯାଇ ଜିଲ୍ଲାପାଳ କାର୍ଯ୍ୟାଳୟ ଜିଲ୍ଲା ଜରୁରୀ ବିଭାଗ,ଭୁବନେଶ୍ୱର ଖୋର୍ଦ୍ଧା ଉପଜିଲ୍ଲାପାଳ କାର୍ଯ୍ୟାଳୟ ଜିଲ୍ଲାର ସମସ୍ତ ତହସିଲ ଓ ବ୍ଲକ ଓ ଜିଲ୍ଲାରେ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ନିୟନ୍ତ୍ରଣ କକ୍ଷ ଜୁନ ମାସରୁ ନଭେମ୍ବର ଶେଷ ପର୍ଯ୍ୟନ୍ତ ଚବିଶ ଘଂଟିଆ କାର୍ଯ୍ୟକ୍ଷମ ହେବ। ଦୁର୍ବଳ ନଦୀବନ୍ଧ ମରାମତି ସହ ବନ୍ୟାର ଜଳ ନିଷ୍କାଷନ ପ୍ରତି ସଜାଗ ରହି କାର୍ଯ୍ୟ କରାଗଲେ ବନ୍ୟା ନିୟନ୍ତ୍ରଣରେ ହ୍ରାସ ପାଇବ । ଖୋର୍ଦ୍ଧା ଜିଲ୍ଲାରେ ୧୯୫ ଗୋଟି ସ୍କୁଲ ,୫୦ ଗୋଟି ବନ୍ୟା ଓ ବାତ୍ୟା ବହୁମୁଖି ଆଶ୍ରୟସ୍ଥଳ ପ୍ରସ୍ତୁତ ରହିଛି ।ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ପୌରାଚଂଳ ଅଧିକାରୀ ମାନେ ।ନୁଧ୍ୟାନ କରି ବିବରଣୀ ଜିଲ୍ଲା କାର୍ଯ୍ୟାଳୟକୁ କଣାଇବାକୁ ନିର୍ଦ୍ଦେଶ ଦିଆ ଯାଇଛି ।ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ୮ ଗୋଟି ବୋଟ ମଧ୍ୟରୁ ୩ଟି ବାଲିପାଟଣା,୨ ଟି ବାଲିଅନ୍ତା,୨ଟି ଖୋର୍ଦ୍ଧା ଓ ଗୋଟିଏ ଜଟଣୀରେ କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚିକିତ୍ସା ପାଇଁ ୧୦ ଗୋଟି ବ୍ଲକରେ ୫ ଟି ଜୋନରେ ମେଡିକା ଅଫିସରଙ୍କୁ ଦାୟିତ୍ୱ ଦିଆ ଯାଇଛି ।ରିଲିଫ କାର୍ଯ୍ୟ ସୁ ପରିଚାଳନା ପାଇଁ ତାଲିମ ବ୍ୟବସ୍ଥା ଓ ରିଲିଫ ଦଳ ଗଠନ,ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତା,ଆବଶ୍ୟକ ସ୍ଥଳେ ଏନଡିଆରଏଫ ଏବଂ ଓଡ୍ରାଫବାହିନୀର ସହାୟତା ନିଆଯିବ । ଜିଲ୍ଲାରେ ବରୁଣେଇ ପୀଠ ଓ ମା ଭଗବତୀ ପୀଠ ଉନ୍ନତି କରଣ , ଝୁମୁକା ଡେରାସ ଠାରେ ଇକୋ ଟୁରିଜିମର ବିକାଶ ଓ ଖୋର୍ଦ୍ଧା ସହରରେ ନୂଆ ସଂସ୍କୃତି ଭବନର ନିର୍ମାଣ ଉପରେ ଆଲୋଚନା କରାଯାଇଥିଲା ।

## ଜିଲ୍ଲାବାସୀଙ୍କୁ ଭୁଆଁ ବୁଲାଇବା ଛାଡି ପ୍ରତିଶୃତି ପାଳନ କରନ୍ତୁ ରାଜ୍ୟ ସରକାର




ବାରିପଦା, (ପି.ଏନ) :ଆଜି ଭୁବନେଶ୍ୱର ସାଂସଦ ତଥା ବିଜେପିର ରାଷ୍ଟ୍ରିୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ବାରିପଦାକୁ ଏକ ରାମ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ଅବସରରେ ସର୍କିଟ ହାଉସ ଠାରେ ନାଗରୀକ ମଂଚ୍ଚର କର୍ମକର୍ତା ମାନଙ୍କ ସହ ଜିଲ୍ଲାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚ୍ନା କରିବା ସହ ହୋଟେଲ ଅମ୍ବିକା ସମ୍ମିଳନୀ କକ୍ଷ ଠାରେ ଭୁଗୁଡାକଟା ଟେମ୍ପୁଲ ଚ଼ାରିଟେବୁଲ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଜିଲ୍ଲାର ବହୁବିଧ ସମସ୍ୟା ଉପରେ ଆଲୋଚ୍ନା କରି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିବାର ଦେଖାଯାଇଛି । ମୟୂରଭଂଜ ଗଡଜାତ ରାଜ୍ୟର ଭାରତବର୍ଷ ସହ ମିଶ୍ରଣ ସମୟରେ ରାଜା ମହାରାଜା ମାନେ ରାଜ୍ୟରେ ଥିବା ମଠ ମନ୍ଦିର ଗୁଡିକର ରିଚ଼ାଳନା ପାଇଁ ମୋଟ ୪୪,୨୨୧ ଏକର ୯୬ ଡେସିମିଲ ମୂଲ୍ୟବାନ ଭୁସମ୍ପତି ଦାନ କରି ଯାଇଥିଲେ । ଯାହା ମୟୂରଭଂଜ ମିଶ୍ରଣ ପରେ ଦେବତୋର ବିଭାଗ ଅଧୀନରେ ପରିଚ଼ାଳିତ ହେଉଥିଲା । ତେବେ କାଳକ୍ରମେ ଦେବତୋର ବିଭାଗର ଖାମଖିଆଲି ନିତି ଓ କିଛି ପ୍ରତିପତିଶାଳି ବ୍ୟକ୍ତି ଏବଂ ସରକାରୀ ବିଭାଗ ସମୁହ ଠାକୁରଙ୍କ ଏହି ସମ୍ପତି ଉପରେ ବେଆଇନ ଜବର ଦଖଲ କରି ନିଜ ଅକ୍ତିଆରକୁ ନେଇଯାଇଛନ୍ତି ଏବଂ ଏହାର ପୁନରୁଦ୍ଧାର ଆବଶ୍ୟକ ବୋଲି କହିଥିଲେ । ସେହିପରି ୨୦୧୩ ରେ ଆସିଥିବା ପ୍ରଳୟଙ୍କରୀ ବାତ୍ୟା ଫାଇଲିନ ପ୍ରଭାବରେ ବାରିପଦାର ବ୍ୟାପକ କ୍ଷୟକ୍ଷତି ହୋଇ ଥିବା ବେଳେ, ମୁଖ୍ୟମନ୍ତ୍ରୀ ସେବେଠାରୁ ନିର୍ବାଚ଼ନ ସମୟରେ ପାଂଚ଼ପାଂଚ଼ ଥର ବାରିପଦାର ବୁଢାବଳଙ୍ଗ ନଦୀରେ ଆଡିବନ୍ଧ ନିର୍ମାଣ କରିବାର ପ୍ରତିଶୃତି ଦେଇ ଆଜିକୁ ୯ ବର୍ଷ ହେଲା ବାରିପଦା ବାସୀଙ୍କୁ ଭୁଆଁ ବୁଲାଉଥିବାର କହିଥିଲେ । ଜିଲ୍ଲାରେ ସୁବର୍ଣ୍ଣ ରେଖା ଜଳସେଚ଼ନ ପ୍ରକଳ୍ପ ଦୀର୍ଘ ୩୨ବର୍ଷ ହେଲା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଅଦ୍ୟାବଧି ଚ଼ାଷୀ ମାନେ ଆବଶ୍ୟକ ମୁତାବକ ପାଣି ପାଇପାରୁ ନଥିବା, ବାରିପଦା ବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ଲକ୍ଷରେ ଚ଼ାଲିଥିବା ଜମ୍ବୀରା ଜଳ ପ୍ରକଳ୍ପ କାମ ଦୀର୍ଘବର୍ଷ ପରେବି ନସରିବା କାରଣରୁ ଲୋକେ ପାନୀୟ ଜଳ ପାଇଁ ସମସ୍ୟାରେ ପଡୁଥିବା କଥା କହି କେନ୍ଦ୍ର ସରକାର ହର ଘର ଜଳ ଯୋଜନାରେ ରାଜ୍ୟକୁ ବ୍ୟାପକ ଅର୍ଥ ଯୋଗାଇ ଦେଉଥିବା ବେଳେ, ରାଜ୍ୟ ସରକାର ନା ସହରାଂଚ଼ଳ ନା ଗ୍ରାମାଂଚ଼ଳ କେଉଁ ଠାରେ ମଧ ଲୋକଙ୍କୁ ସଠିକ ଭାବରେ ପାନୀୟ ଜଳ ଯୋଗାଇବାରେ ଫେଲ ମାରିଥିବାର କହିଛନ୍ତି । ସେହିପରି ଜିଲ୍ଲାରେ ଥିବା ବାରିପଦା ଆୟୁରବେଦିକ କଲେଜ ଏବଂ ବାରିପଦା ହୋମିଓପାଥିକ କଲେଜ ଦୀର୍ଘ ବର୍ଷ ଧରି ବନ୍ଦ ହୋଇ ପଡିଥିବା ବେଳେ, ମୁଖ୍ୟମନ୍ତ୍ରୀ ନିଜେ ନିର୍ବାଚ଼ନୀ ସଭାରେ ଏଗୁଡିକୁ ସରକାରୀ ଭାବରେ ଖୋଲିବାର ପ୍ରତିଶୃତି ଦେଇ ମଧ ଅଦ୍ୟାବଧି ନଖୋଲିବା, ଜିଲ୍ଲାରେ ବନ୍ଦ ହୋଇ ପଡିଥିବା ନିକୋ କେବୁଲ କାରଖାନା ଓ ସ୍ପିନିଂ ମିଲକୁ କାର୍ଯ୍ୟ କାରୀ ନକରିବା, ଜିଲ୍ଲାବାସୀଙ୍କ ବାରମ୍ବାର ଦାବୀସତ୍ୱେ ରାଇରଙ୍ଗପୁର ଠାରେ ବ୍ୟାପକ କଂଚ଼ାମାଲ ଥାଇ ମଧ୍ୟ ଏକ ସ୍ୱାତ କାରଖାନା ଖୋଲିବା ପାଇଁ ପଦକ୍ଷେପ ନନେବା ଆଦିପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ଘେରିବା ସହିତ ରାଜ୍ୟ ସରକାର ତଥା ତାଙ୍କର ଅଧିକାରୀ ମାନେ ବିଜେପି ସାଂସଦ ମାନଙ୍କୁ ତଥା କେନ୍ଦ୍ର ସରକାରଙ୍କୁ ସଠିକ ଭାବରେ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ କରୁ ନଥିବା ଅଭିଯୋଗ ଆଣିଥିଲେ । ତେବେ ମୟୂରଭଂଜ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ପ୍ରୟାସ ପାଇଁ ନିଜ ସଂସଦୀୟ କ୍ଷେତ୍ର ମୟୂରଭଂଜ ପାଇଁ ଏକାଥରେ ୧୯ଟି ଏକଲବ୍ୟ ମଡେଲ ସ୍କୁଲ ନିର୍ମାଣ ହେଉଥିବାରୁ ଶିକ୍ଷା କ୍ଷେତ୍ରରେ ଏହାର ବ୍ୟାପକ ପ୍ରଭାବ ପଡିବ ବୋଲି କହି କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray